ବର୍ଷ-୨୫, ସଂଖ୍ୟା-୨୭୩
ଭୁବନେଶ୍ୱର
୧୪, ଅକ୍ଟୋବର, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 273
Bhubaneswar
14, October, 2025 Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କଳା ଯାଦୁକୁ ବିଶ୍ୱାସ କରନ୍ତି ଅମୃତା



## ରାଷ୍ଟ୍ରୀୟ ଶିକ୍ଷାନୀତି ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ଗୁରୁତ୍ୱ ଦେଇଛି

**ଭୁବନେଶ୍ୱର,୧୩।୧୦(ମହାଭାରତ):** କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ, ପୁରୀ ଠାରେ ଆୟୋଜିତ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ସନ୍ଦର୍ଭରେ, ଭାରତୀୟ ଜ୍ଞାନ ପରମ୍ପରା ସମ୍ପର୍କରେ ଆଲୋଚନା ଚକ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି ଯେ ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ହେଉଛି ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଯାହାକି ଆମ ଦେଶର ବିକାଶମୂଳକ ଆବଶ୍ୟକତାକୁ ସମାଧାନ କରିବାର ଲକ୍ଷ୍ୟ ରଖିଛି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଭାରତର ପରମ୍ପରା ଓ ମୂଲ୍ୟବୋଧ ଉପରେ ନିର୍ଭର କରୁଥିବାବେଳେ ଏସଡିଜି ୪ ସହିତ ଏକବିଂଶ ଶତାବ୍ଦୀର ଶିକ୍ଷାର ଆକାଂକ୍ଷିତ ଲକ୍ଷ୍ୟ ସହିତ ସମତୁଲ ଏକ ନୂତନ ବ୍ୟବସ୍ଥା ପ୍ରଚଳନ ପାଇଁ ନିୟମାବଳୀ ଓ ପ୍ରଶାସନ ସହିତ ଶିକ୍ଷା ସଂରଚନାର ସମସ୍ତ ଦିଗଗୁଡ଼ିକର ସଂଶୋଧନ ଓ ପୁନଃନିର୍ମାଣ ପାଇଁ ପ୍ରସ୍ତାବ ଦେଇଛି। ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରତ୍ୟେକ ବ୍ୟକ୍ତିର ସୃଜନଶୀଳ ସାମର୍ଥ୍ୟର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇଛି। ଶିକ୍ଷା ନୀତି ଏହି ସିଦ୍ଧାନ୍ତ ଉପରେ ଆଧାରିତ ଯେ,ଶିକ୍ଷା କେବଳ ଜ୍ଞାନଗତ କ୍ଷମତାର ବିକାଶ ନୁହେଁ – ସ୍ୱାକ୍ଷରତା ଏବଂ ସଂଖ୍ୟାଗତ ଦକ୍ଷତାର "ମୌଳିକ ସାମର୍ଥ୍ୟ" ଏବଂ ବିଶ୍ଲେଷଣାତ୍ମକ ଚିନ୍ତନ। ଏହି ରାଷ୍ଟ୍ରୀୟ ଶିକ୍ଷା ନୀତି ଭାରତୀୟ ଲୋକାଚାର ଉପରେ ଆଧାରିତ ଏକ ଶିକ୍ଷା ବ୍ୟବସ୍ଥା ଉପରେ ପର୍ଯ୍ୟବେସିତ, ଯାହାକି ଭାରତକୁ ରୂପାନ୍ତର କରିବାରେ ସିଧାସଳଖ ଅବଦାନ ଦେବ, ଅର୍ଥାତ ଏକ ସମାନତା ଓ ଉତ୍ସାହୀ ଜ୍ଞାନଭିତିକ ସମାଜରେ ସମସ୍ତଙ୍କୁ ଉଚ୍ଚ ଗୁଣାତ୍ମକମାନର ଶିକ୍ଷା ପ୍ରଦାନ କରି ଭାରତକୁ ଜ୍ଞାନର ଏକ ବିଶ୍ୱ ଶକ୍ତିରେ ପରିଣତ କରିବ। ମୁଖ୍ୟମନ୍ତ୍ରୀ ଏହି ସମୟର ଯୁବବର୍ଗକୁ ଭାରତୀୟ ଜ୍ଞାନ ପରମ୍ପରା, ସଂସ୍କୃତି ଓ ଗୌରବମୟ ଇତିହାସ ସହ ପରିଚିତ କରାଇବାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ସେ କହିଥିଲେ ଯେ ଭାରତ ଏକ ଏଭଳି ଦେଶ ଯାହା ବିଦେଶୀ ଆକ୍ରମଣ



ସତ୍ତ୍ୱେ ମଧ୍ୟ ନିଜର ଆଦି ଜ୍ଞାନ ଓ ସଂସ୍କୃତିକୁ ଅବିକଳ ରଖିଛି। ଏହି ଐତିହ୍ୟକୁ ସୁରକ୍ଷିତ ଓ ସକ୍ରିୟ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ନିଜର ପ୍ରାଚୀନ ଜ୍ଞାନ ଏବଂ ସଂସ୍କୃତିକୁ ବଜାୟ ରଖିବା ଯେ କୌଣସି ଜାଗାରୁ ରାଷ୍ଟ୍ରର କର୍ତବ୍ୟ ଅଟେ । କଳା, ସଙ୍ଗୀତ, ସାହିତ୍ୟ, ନ୍ୟାୟ, ଦର୍ଶନ, ସ୍ଥାପତ୍ୟ, ଯୋଗ, ବିଜ୍ଞାନ, ଧାତୁ ବିଜ୍ଞାନ, ଜ୍ୟୋତିଷ, ଭୂଗୋଳ, ଗଣିତ, ଚିକିତ୍ସା, ରସାୟନ ଶାସ୍ତ୍ର ଏବଂ କୃଷି ଆଦି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟ ଚିନ୍ତନ ଏବଂ ଗବେଷଣା ଉପଲବ୍ଧ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିକ୍ଷା ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ ହେଉଛି ଉତ୍ତମ ମଣିଷ ସୃଷ୍ଟି କରିବା, ଯାହାଠାରୁ ଯୁକ୍ତିପୂର୍ଣ୍ଣ ଚିନ୍ତନ, ଦୟା ଓ ସମାନୁଭୂତି, ସାହସ ଓ ସ୍ଥିରତା, ବୈଜ୍ଞାନିକ ଭାବଧାରା, ସୃଜନଶୀଳ କଳ୍ପନା ଏବଂ ନୈତିକ ମୂଲ୍ୟବୋଧର ବିକାଶ ହେବ । ସେ କହିଥିଲେ ଯେ, ଏକ ଉତ୍ତମ ଶିକ୍ଷାନୁଷ୍ଠାନ ସେହିଠି ଯେଉଁଠି ଶିକ୍ଷାର୍ଥୀ ନିଜକୁ ଦ୍ୱିତୀୟ ଘରରେ ଅନୁଭବ କରନ୍ତି, ଯେଉଁଠି ସୁରକ୍ଷିତ, ପ୍ରେରଣାଦାୟୀ ଓ ସମାନତାପୂର୍ଣ୍ଣ ପରିବେଶ ରହେ ।ସେ କହିଥିଲେ, ଶିକ୍ଷାନୀତି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ସଂବିଧାନିକ ମୂଲ୍ୟବୋଧ ଏବଂ ଦେଶପ୍ରେମର ଭାବନା ସୃଷ୍ଟି କରିବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନେବ । ଶିକ୍ଷା କେବଳ ନିଜ ସ୍ୱାର୍ଥ ପାଇଁ ନୁହେଁ, ବରଂ ସମସ୍ତଙ୍କ ହିତ ଏବଂ ସମାଜ କଲ୍ୟାଣ ପାଇଁ ଅଟେ — ଏହା ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ମୂଳ ମନ୍ତ୍ର ।ସେ ଆହୁରି କହିଥିଲେ, ଆମ ଦେଶର ପ୍ରାଚୀନ ଋଷିମୁନିମାନେ ଯେପରି ଶିକ୍ଷାକୁ ସର୍ବହିତ ପାଇଁ ଉପକାରୀ କରିଥିଲେ, ତାହାର ଅନୁସରଣ ଆଜିର ଶିକ୍ଷା ବ୍ୟବସ୍ଥାର ଆବଶ୍ୟକତା । ଭାରତୀୟ ଚିନ୍ତନ ଓ ଗବେଷଣା ଯେପରି କଳା, ସାହିତ୍ୟ, ବିଜ୍ଞାନ, ନ୍ୟାୟ, ଦର୍ଶନ, ଯୋଗ, ଜ୍ୟୋତିଷ, ଗଣିତ, ଚିକିତ୍ସା ଓ କୃଷି ସହିତ ସମସ୍ତ କ୍ଷେତ୍ରରେ ଅମୂଲ୍ୟ ଅବଦାନ ରଖିଛି, ସେଗୁଡ଼ିକୁ ଯୁବପିଢିଙ୍କ ସମ୍ମୁଖରେ ଆଣିବା ଅତିଆବଶ୍ୟକ । ମୁଖ୍ୟମନ୍ତ୍ରୀ କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଉଦ୍ଧୃତ କରି କହିଥିଲେ ଯେ, "ଲୋକଙ୍କ କଲ୍ୟାଣ ହିଁ ଶାସକଙ୍କ ସତ୍ୟ ଆନନ୍ଦ' ଏବଂ ସେ ଉଲ୍ଲେଖ କରିଥିଲେ ଯେ, ଭାରତୀୟ ଗଣତାନ୍ତ୍ରିକ ଚିନ୍ତନର ଆଧାର ହେଉଛି କର୍ତ୍ତବ୍ୟ ଏବଂ ପ୍ରଜାଧର୍ମ — ଯେଉଁଠି ଶାସକ ଓ ପ୍ରଜାଙ୍କ ସମ୍ପର୍କ ପିତା–ପୁତ୍ର ସମାନ ଭାବରେ ଦେଖାଯାଇଥାଏ ।

କାର୍ଯ୍ୟକ୍ରମ ରେ ମୁଖ୍ୟବକ୍ତା ଭାବେ ଭାରତୀୟ ଶିକ୍ଷା ଓ ସଂସ୍କୃତିକ ମୂଲ୍ୟବୋଧ ଉପରେ ଜୋର ଦେଇ ସଚିବ, ଶିକ୍ଷା ସଂସ୍କୃତି ଉତଥାନ ନ୍ୟାସ, ନୂଆଦିଲ୍ଲୀ ଡ଼. ଅତୁଲ କୋଠାରୀ କହିଛନ୍ତି ଯେ ଶିକ୍ଷା କେବଳ ଜୀବିକା ପାଇଁ ନୁହେଁ, ଏହା ଜୀବନ ଗଠନର ଆଧାର। ଆମ ଶିକ୍ଷା ପ୍ରଣାଳୀରେ ଭାରତୀୟ ମୂଲ୍ୟ, ଆଦର୍ଶ ଓ ସଂସ୍କୃତିକ ଚେତନାକୁ ଆଣିବା ଆଜିର ସମୟର ଆବଶ୍ୟକତା। ଆମେ ଯଦି ଶିକ୍ଷାକୁ ରାଷ୍ଟ୍ର ଗଠନର ସାଧନା ଭାବେ ଦେଖିବା, ତେବେ ଆଗାମୀ ପିଢି ଜ୍ଞାନୀ, କର୍ତବ୍ୟନିଷ୍ଠ ଓ ଦେଶଭକ୍ତ ନାଗରିକ ଭାବେ ଗଢ଼ିଉଠିବେ ।ସେ ଆହୁରି ମଧ୍ୟ କହିଥିଲେ ଯେ ନୂଆ ରାଷ୍ଟ୍ରୀୟ ଶିକ୍ଷାନୀତି (ଏନଇପି ୨୦୨୦) ଭାରତୀୟ ଚିନ୍ତନ ଓ ଆଧୁନିକ ଜ୍ଞାନର ସମନ୍ୱୟ। ଏହା ମାଧ୍ୟମରେ ଆମେ ସଂସ୍କୃତିକ ମୂଳକୁ ମଜବୁତ କରି, ଗ୍ଲୋବାଲ ଦୃଷ୍ଟିକୋଣ ସହ ଆଗକୁ ବଢ଼ିପାରିବୁ। ଉକ୍ତ ସଭାରେ ମହାସଚିବ, ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘର ପରାମର୍ଶଦାତା ଡ଼. ପଙ୍କଜ ମିତ୍ତଲ ଏବଂ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀଙ୍କ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇଥିଲେ।

## ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରକାଶ ପାଇଲା ଗେଜେଟ୍ ବିଜ୍ଞପ୍ତି

### ୨୦ ସୁଦ୍ଧା ନାମାଙ୍କନ

**ଭୁବନେଶ୍ୱର,୧୩।୧୦(ମହାଭାରତ):** ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ଉପନିର୍ବାଚନ ପାଇଁ ଭାରତ ନିର୍ବାଚନ ଆୟୋଗ ପକ୍ଷରୁ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି । ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଂଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି।

ନଭେମ୍ବର ୧୧ (ମଙ୍ଗଳବାର) ତାରିଖ ସକାଳ ୭ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଚାଲିବ। ଅନ୍ୟପକ୍ଷରେ ବାମପନ୍ଥୀ ଉଗ୍ରବାଦୀ ପ୍ରବଣ ଅଂଚଳର ୪୭ଟି ବୁଥ୍ ରେ ସକାଳ ୭ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଭୋଟଦାନ ପ୍ରକ୍ରିୟା ଅନୁଷ୍ଠିତ ହେବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।ଆସନ୍ତା ନଭେମ୍ବର ୧୧ ତାରିଖରେ ହେବାକୁ ଥିବା ନୂଆପଡ଼ା ବିଧାନସଭା ରେ ଉପନିର୍ବାଚନ ପାଇଁ ଆଜି (ସୋମବାର) ଅପରାହ୍ନ ସୁଦ୍ଧା କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିନାହାନ୍ତି ।

ଭାରତ ନିର୍ବାଚନ ଆୟୋଗଙ୍କ ବିଜ୍ଞପ୍ତି ଅନୁସାରେ ନିର୍ବାଚନ ପାଇଁ ନାମାଙ୍କନର ଶେଷ ତାରିଖ ଅକ୍ଟୋବର ୨୦ (ସୋମବାର) ତାରିଖ ଧାର୍ଯ୍ୟ ହୋଇଛି । ସେହିପରି ଅକ୍ଟୋବର ୨୨ (ବୁଧବାର) ରେ ନାମାଙ୍କନ ପତ୍ର ଯାଞ୍ଚ ହେବାକୁ ଥିବାବେଳେ ଅକ୍ଟୋବର ୨୪ (ଶୁକ୍ରବାର) ତାରିଖକୁ ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ଧାର୍ଯ୍ୟ କରାଯାଇଛି ।ନଭେମ୍ବର ୧୬ ( ରବିବାର) ତାରିଖ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ ।

## ଫେରାର ଅଭିଯୁକ୍ତଙ୍କ ନାଁରେ ଲୁକ ଆଉଟ୍ ସର୍କୁଲାର

**ଭୁବନେଶ୍ୱର,୧୩।୧୦(ମହାଭାରତ):** ପୁଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତା ମାମଲା ନେଇ ଦୁଇ ଜଣ ଫେରାର ଅଭିଯୁକ୍ତଙ୍କ ନାଁରେ ଲୁକ ଆଉଟ୍ ସର୍କୁଲାର ଜାରି ହୋଇଛି। ବ୍ୟୁରୋ ଅଫ୍ ଇମିଗ୍ରେସନ୍‌କୁ ଏନେଇ ଅବଗତ କରାଯାଇଛି। ଅଭିଯୁକ୍ତମାନେ କେଉଁ ରାଜ୍ୟରେ ଲୁଚିଛନ୍ତି ତାକୁ ନେଇ କ୍ରାଇମବ୍ରାଞ୍ଚ ଟିମ୍ ଖୋଳତାଡ କରୁଛି।

ସେହିପରି କ୍ରାଇମ୍‌ବ୍ରାଞ୍ଚ ୭ରୁ ୮ଜଣଙ୍କ ଅଭିଯୁକ୍ତଙ୍କ ବ୍ୟାଙ୍କ ଆକାଉଣ୍ଟ୍ ଜବତ୍ କରିଛି। ଦଲାଲ ମୁନା ମହାନ୍ତି ଓ ଶଙ୍କର ପ୍ରୁଷ୍ଟି ସମେତ ଅନ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟ୍ ଜବତ୍ କରାଯାଇଛି। ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜବତ ହୋଇଥିବା ନେଇ ତଦନ୍ତକାରୀ ଟିମ୍ ସୂଚନା ଦେଇଛି। କ୍ରାଇମ୍‌ବ୍ରାଞ୍ଚ ଏବେବି ୭ଟି ରାଜ୍ୟକୁ ଯାଇ ଖୋଳତାଡ ଜାରି ରଖିଛି। ଯେହେତୁ ଏହି ମାମଲା ପଛରେ ଅନ୍ତଃରାଜ୍ୟ ଲିଙ୍କ୍ ରହିଛି ତେଣୁ ରାଜ୍ୟ ବାହାରକୁ ଟିମ୍ ଯାଇ ଖୋଳତାଡ କରୁଛି। ପୁଲିସ ଏସ୍‌ଆଇ ପରୀକ୍ଷା ଅନିୟମିତତା ସାମନାକୁ ଆସିବା ପରେ ଓଡିଶା ପୁଲିସ ନିଯୁକ୍ତି ବୋର୍ଡ ବ୍ରହ୍ମପୁର ପୁଲିସକୁ ସୂଚନା ଦେଇଥିଲା। ବ୍ରହ୍ମପୁର ପୁଲିସ ସୂଚନା ଆଧାରରେ ରାଜ୍ୟ ବାହାରେ ଚଢ଼ଉ ହୋଇଥିଲା। ଅଧିକ ଅନୁସନ୍ଧାନ ଲାଗି ବୋର୍ଡ କ୍ରାଇମବ୍ରାଞ୍ଚ ତଦନ୍ତ ଲାଗି ଜଣାଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ଘଟଣାସ୍ଥଳକୁ ଯାଇ ଖୋଳତାଡ କରୁଥିଲା। ୧୧୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୧୧୪ ଜଣ ହେଉଛନ୍ତି ଆଶାୟୀ। ଯେଉଁମାନେ ଏସ୍‌ଆଇ ପରୀକ୍ଷାରେ ଭାଗନେବା ଲାଗି ରାଜ୍ୟ ବାହାରକୁ ଯାଉଥିଲେ। ପରେ ଏହି ଘଟଣାର ଖୋଳତାଡ ପରେ ଅଧିକାଂଶ ପିଲା ବଣିକ କୋଚିଂ ସେଣ୍ଟର ନା କହିବାରୁ ନିକଟରେ କ୍ରାଇମବ୍ରାଞ୍ଚ ଟିମ୍ ଉକ୍ତ ଶିକ୍ଷାନୁଷ୍ଠାନ ଉପରେ ଚଢ଼ଉ କରିଥିଲା। ଘରୋଇ କୋଚିଂ ସେଣ୍ଟରର ତିନି ଜଣଙ୍କୁ ନୋଟିସ୍ କରାଯାଇଥିଲା, ଯେଉଁଥିରେ ସେମାନେ କ୍ରାଇମ୍‌ବ୍ରାଞ୍ଚ ନିକଟରେ ହାଜର ହୋଇ ଜେରାର ସମ୍ମୁଖୀନ ହୋଇଥିଲେ। ଏବେ ଏହି ମାମଲା ନେଇ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଜାରି ରଖିଛି।

## ଆଗାମୀବର୍ଷଠୁ ହବିଷ୍ୟାଳୀଙ୍କ ପାଇଁ ଡିଜିଟାଲ୍ ପଞ୍ଜୀକରଣ

**ଭୁବନେଶ୍ୱର,୧୩।୧୦(ମହାଭାରତ):** ପୁରୀ ଠାରେ କାର୍ତ୍ତିକ ହବିଷ୍ୟାଳି ବ୍ରତ ୨୦୨୫ ଆୟୋଜନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ସୋମବାର ନରେନ୍ଦ୍ର କୋଣ ସ୍ଥିତ ବୃନ୍ଦାବତୀ ନିବାସ ଠାରେ ଉପସ୍ଥିତ ରହି ହବିଷ୍ୟାଳି ମା'ମାନଙ୍କ ସହ ମିଶିଥିଲେ ଏବଂ ଏହି ଅବସରରେ ସେ କହିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ହେଉଛି ଓଡ଼ିଶାର ନୈତିକ ଶକ୍ତି ଓ ଓଡ଼ିଆ ସଂସ୍କୃତି ଓ ଅସ୍ମିତାର ଜୀବନ୍ତ ପ୍ରତୀକ।



କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କାର୍ତ୍ତିକ ମାସ ହେଉଛି ଆତ୍ମସଂଯମ, କରୁଣା ଓ ଭକ୍ତିର ମାସ ଭାବରେ ଓଡ଼ିଆ ସଂସ୍କୃତିରେ ବିଶେଷ ଗୁରୁତ୍ୱ ରଖେ। ସେ ଉଲ୍ଲେଖ କରିଥିଲେ ଯେ ଓଡ଼ିଆ ମା'ମାନେ ଶତାବ୍ଦୀ ଧରି ହବିଷ ପାଳନ କରି ଆସୁଛନ୍ତି ଓ ଏହି ପାରମ୍ପରିକତା ଓଡ଼ିଶାର ନୈତିକ ଶକ୍ତିକୁ ପ୍ରତିନିଧିତ୍ୱ କରେ ।ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ଆଗାମୀ ବର୍ଷରୁ ହବିଷିଆଳୀ ମା'ମାନଙ୍କ ପାଇଁ ସମର୍ପିତ ଡିଜିଟାଲ୍ ପଞ୍ଜୀକରଣ ବ୍ୟବସ୍ଥା ଆରମ୍ଭ ହେବ, ଯେଉଁଥିରେ ଚିକିତ୍ସା ଓ ଜରୁରୀ ସେବା ଉପଲବ୍ଧ ରହିବ ।ଏହି ଅବସରରେ ଉଲ୍ଲେଖ କରିଥିଲେ ଯେ ପୁରୀ କେବଳ ଏକ ଧର୍ମୀୟ ସ୍ଥାନ ନୁହେଁ, ଏହା ଓଡ଼ିଆ ଭକ୍ତି ଓ ଆସ୍ଥାର ପ୍ରତୀକ। ସରକାର ପୁରୀକୁ ବିଶ୍ୱସ୍ତରୀୟ ଧାର୍ମିକ ସହର ଭାବେ ଉନ୍ନତ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ସହରକୁ ମହାନଗର ନିଗମ ଭାବେ ଘୋଷଣା ତାହାର ପ୍ରଥମ ପଦକ୍ଷେପ ।ସେ ଆଶା ବ୍ୟକ୍ତ କରିଥିଲେ ଯେ ହବିଷିଆଳୀ ମା'ମାନଙ୍କ ଭକ୍ତି ଓ ପ୍ରାର୍ଥନା ଓଡ଼ିଶାକୁ ଆଶୀର୍ବାଦ କରିବ ଏବଂ ସମାଜକୁ ଶାନ୍ତି, ପଥରେ ଆଗେଇ ନେବ ।ସେ କହିଥିଲେ ଯେ ଚଳିତ ବର୍ଷ ପ୍ରାୟ ୨ ହଜାର ୫୦୦ ହବିଷିଆଳୀ ମା'ମାନଙ୍କ ପାଇଁ ସରକାର ପକ୍ଷରୁ ୫ଟି ନିର୍ଦ୍ଧାରିତ ସ୍ଥଳରେ — ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ, ରେଲୱେ କଲ୍ୟାଣ ମଣ୍ଡପ ଓ ମୋଚିସାହି କଲ୍ୟାଣ ମଣ୍ଡପ ରହିବା ଓ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ସେଥିପାଇଁ ସରକାର ପକ୍ଷରୁ ପ୍ରାୟ ୩ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ଓ ଏହା ଗତ ବର୍ଷ ତୁଳନାରେ ୭୦ ଲକ୍ଷ ଅଧିକ ଥିବା ତଥ୍ୟ ମୁଖ୍ୟମନ୍ତ୍ରୀ ଦେଇଥିଲେ। ସେ ଆହୁରି କହିଥିଲେ ଯେ କାର୍ତ୍ତିକ ବ୍ରତ ହବିଷିଆଳୀ ଯୋଜନାକୁ ନିରନ୍ତର ସୁଦୃଢ଼ କରାଯାଉଛି ଏବଂ ସମସ୍ତ ସ୍ଥାନରେ ସ୍ୱେଚ୍ଛାସେବୀ, ପୋଲିସ, ଡାକ୍ତର ଓ ସହାୟତାର ବ୍ୟବସ୍ଥା ହୋଇଛି, ଯାହା ହବିଷିଆଳୀ ମା'ମାନଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆବଶ୍ୟକ ।ବକ୍ତବ୍ୟ ଶେଷରେ ସେ ସମସ୍ତଙ୍କୁ ଜଗନ୍ନାଥ ଧର୍ମର ଶିକ୍ଷା ଅନୁସରଣ କରିବାକୁ ଆହ୍ୱାନ କରିଥିଲେ ଓ ସମସ୍ତ ହବିଷିଆଳୀ ମା'ମାନଙ୍କୁ ପ୍ରଣାମ ଜଣାଇଥିଲେ ଏବଂ ସେମାନଙ୍କ ସହ ଫୋଟୋ ଉଠାଇବା ସହିତ ମାଆ ମାନଙ୍କ ସୁବିଧା ଅସୁବିଧା ବୁଝି କଥା ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୁରୀ ସାଂସଦ, ଡାକ୍ତର ସମ୍ବିତ ପାତ୍ର, ଜଗତସିଂହପୁର ସାଂସଦବିଭୁ ପ୍ରସାଦ ତରାଇ, ପୁରୀ ସଦର ବିଧାୟକ, ସୁନିଲ କୁମାର ମହାନ୍ତି, ବ୍ରହ୍ମଗିରି ବିଧାୟିକା, ଶ୍ରୀମତୀ ଉପାସନା ମହାପାତ୍ର, ଜିଲ୍ଲାପାଳ, ଦିବ୍ୟଜ୍ୟୋତି ପରିଡା ପ୍ରମୁଖ ମଂଚାସୀନ ଥିଲେ। କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ, ଓମ ପ୍ରକାଶ ମିଶ୍ର ସ୍ୱାଗତଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଡିସେମ୍ବର ୨୪ରୁ ବରଗଡ଼ ଧନୁଯାତ୍ରା

**ବରଗଡ଼,୧୩।୧୦(ମହାଭାରତ):** ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆସନ୍ତା ଡିସେମ୍ବର ୨୪ ତାରିଖରୁ ଜାନୁଆରି ୩ ତାରିଖ ଯାଏଁ ଅନୁଷ୍ଠିତ ହେବ ବୋଲି ମହୋତ୍ସବ ସମିତି ପକ୍ଷରୁ କୁହାଯାଇଛି। ଏଥିପାଇଁ ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଥିଲା। ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବରଗଡ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ଅତାବିରା ବିଧାୟକ ନିହାର ରଂଜନ ମହାନନ୍ଦ, ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ସମିତିର ବିଭିନ୍ନ କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

ଆଜି ପ୍ରଥମ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀକକ୍ଷରେ ଅନୁଷ୍ଠିତ ହୋଇଥିଲା ଧନୁଯାତ୍ରା ମହୋତ୍ସବ ସମିତିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ସମିତିର ବିଭିନ୍ନ କମିଟିର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

## ପୀଡ଼ିତାଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ

**କଲକାତା,୧୩।୧୦(ଏଜେନ୍ସି):** ଦେଶବ୍ୟାପୀ ହଇଚଇ ସୃଷ୍ଟି କରିଥିବା ପଶ୍ଚିମବଙ୍ଗର ଦୁର୍ଗାପୁର ଓଡ଼ିଆ ଡାକ୍ତର ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ କାଠଗଡ଼ାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଏକ ସମ୍ବେଦନଶୀଳ ଘଟଣା ନେଇ ମମତାଙ୍କ ବିବାଦୀୟ ବୟାନ, ପୀଡ଼ିତାଙ୍କୁ ଦେଖାକରାଇ ନ ଦେବାକୁ ନେଇ ଚାରିଆଡୁ ସମାଲୋଚନାର ଶରବ୍ୟ ହୋଇଛନ୍ତି ଦିଦି। ଦୁର୍ଗାପୁରରେ କଲେଜ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦିଲ୍ଲୀଠୁ ଆରମ୍ଭ କରି ରାଜ୍ୟ ପର୍ଯ୍ୟନ୍ତ ସବୁଆଡ଼େ ଘଟଣାକୁ ନେଇ ନିନ୍ଦା କରାଯାଉଛି। ପୀଡ଼ିତାଙ୍କ ସହାୟତା ପାଇଁ ଓଡ଼ିଶାରୁ ସ୍ୱତନ୍ତ୍ର ଟିମ୍ ଯାଇ ପଶ୍ଚିମବଙ୍ଗରେ ଡେରା ପକାଇଛନ୍ତି। ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ପୀଡ଼ିତା ଓ ତାଙ୍କ ମା'ଙ୍କ ସହ କଥା ହୋଇଛନ୍ତି। ପୀଡ଼ିତାଙ୍କ ସହ କଥା ହେବାବେଳେ ତାଙ୍କୁ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି ବୋଲି ପଚାରିଥିଲେ। ଧୈର୍ଯ୍ୟ ଧର, ଜୀବନରେ ଆଗକୁ ବଢିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଚିନ୍ତା କରନାହିଁ, ତୁମ ସହ ରାଜ୍ୟ ସରକାର ଅଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ପାଠ ପଢା ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବ। ଏଥିସହ ପୀଡ଼ିତାଙ୍କ ମା'ଙ୍କ ସହ ମଧ୍ୟ କଥା ଦୋଷୀକୁ କଠୋର ଦଣ୍ଡ ମିଳିବ ବୋଲି କହିଛନ୍ତି। ପଶ୍ଚିମବଙ୍ଗ ରାଜ୍ୟପାଳ ହସ୍ପିଟାଲ ଯାଇ ପୀଡ଼ିତାଙ୍କୁ ଭେଟିଛନ୍ତି। ପଶ୍ଚିମବଙ୍ଗ ଦୁର୍ଗାପୁରରେ ଓଡ଼ିଆ। ଡାକ୍ତରୀ ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ପୀଡିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଧୀରେ ଧୀରେ ସୁଧାର ଆସୁଥିଲେ ବି ମାନସିକ ସ୍ତରରେ ସେ ସମ୍ପୂର୍ଣ୍ଣ ଭାଙ୍ଗିଛନ୍ତି। ପରିବାର ଲୋକ ବି ଝିଅର ଏଭଳି ଅବସ୍ଥା ଦେଖି କାନ୍ଦୁଛନ୍ତି। ଏହା ଭିତରେ ପୀଡ଼ିତାଙ୍କ ପାଖରେ ପହଞ୍ଚିଛନ୍ତି ଓଡ଼ିଶା ମହିଳା କମିସନ ଅଧ୍ୟକ୍ଷା ସୋଭନା ମହାନ୍ତି ଓ ବିଜେପି ନେତ୍ରୀ। ପଶ୍ଚିମବଙ୍ଗ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ମଧ୍ୟ ପୀଡ଼ିତାଙ୍କ ପରିବାରକୁ ଭେଟିଛନ୍ତି। ଅନ୍ୟପଟେ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ କଲେଜ ଓ ରାଜରାସ୍ତାରେ ଦେଖିବାକୁ ବିକ୍ଷୋଭ ମିଳିଛି । ବ୍ୟାରିକେଡକୁ ଡେଇଁ କଲେଜ ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି ବିକ୍ଷୋଭକାରୀ । ମହିଳା ଆଇନଜୀବୀମାନେ ମଧ୍ୟ ରାଜରାସ୍ତାକୁ ଓହ୍ଲାଇଛନ୍ତି।

## ଅର୍ଥନୀତି ବିଜ୍ଞାନରେ ନୋବେଲ

**ନୂଆଦିଲ୍ଲୀ,୧୩।୧୦(ଏଜେନସି):** ଅର୍ଥନୀତି ବିଜ୍ଞାନରେ ୨୦୨୫ ବର୍ଷ ପାଇଁ ୩ ଜଣଙ୍କୁ ମିଳିଛି ନୋବେଲ ପୁରସ୍କାର। ବିଶ୍ୱର ୩ ଜଣ ବିଶିଷ୍ଟ ଅର୍ଥନୀତିକ ବିଶାରଦ ଜୋଏଲ ମୋକିର, ଫିଲିପେ ଅଘିଓନ ଓ ପିଟର ହୋୱିଟ୍ଟ ଚଳିତ ବର୍ଷ ଅର୍ଥନୀତି ବିଜ୍ଞାନରେ ନୋବେଲ ପୁରସ୍କାର ଜିତିଛନ୍ତି। ଉଦ୍ଭାବନ ଓ ଅର୍ଥନୀତିକ ଅଭିବୃଦ୍ଧିରେ ସେମାନଙ୍କ ସର୍ବଶ୍ରେଷ୍ଠ କାମ ପାଇଁ ସେମାନଙ୍କୁ ଏହି ପୁରସ୍କାର ମିଳିଛି। ନୋବେଲ କମିଟିର କହିବା କଥା ଯେ ୩ ଅର୍ଥଶାସ୍ତ୍ରୀ ଇନୋଭେସନ ଚାଳିତ ଅର୍ଥନୀତି ଅଭିବୃଦ୍ଧିକୁ ବିସ୍ତୃତ ଭାବେ ବୁଝାଇବାକୁ ସକ୍ଷମ ହୋଇଥିଲେ। ତେଣୁ ୩ ଜଣଙ୍କୁ ମିଳିତ ଭାବେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୩ ଜଣଙ୍କୁ ନୋବେଲ ମିଳିଥିଲେ ହେଁ ଏହାର ଅଧା ଅର୍ଥ ଜୋଏଏ ମୋକୟରଙ୍କୁ ମିଳିବ। କାରଣ ସେ ଟେକ୍ନୋଲୋଜିକାଲ ପ୍ରକ୍ରିୟା ଦ୍ୱାରା ସନ୍ତୁଳିତ ଅଭିବୃଦ୍ଧିର ଆବଶ୍ୟକ ରାସ୍ତାକୁ ଚିହ୍ନଟ କରିଛନ୍ତି। ଅର୍ଥାତ ଅର୍ଥନୈତିକ ଅଭିବୃଦ୍ଧିର ବ୍ୟାଖ୍ୟା ପାଇଁ ଜୋଏଲ ମୋକିରଙ୍କୁ ନୋବେଲ୍ ମିଳିଛି। ପୁରସ୍କାର ବାକି ଅଧା ଅର୍ଥ ଫିଲିପେ ଓ ପିଟର ପାଇବେ। ଉଭୟ କ୍ରିଏଟିଭ ଡେଷ୍ଟ୍ରକସନ ଦ୍ୱାରା ସନ୍ତୁଳିତ ଅଭିବୃଦ୍ଧିର ଥିଓରୀକୁ ସାମ୍ନାକୁ ଆଣିଥିଲେ। ସୃଜନଶୀଳତାରେ ନିରନ୍ତର ଅଭିବୃଦ୍ଧିର ତତ୍ତ୍ୱ ବାହାର କରିଥିଲେ ଏହି ଦୁଇ ଅର୍ଥନୀତିଜ୍ଞ। ଜୋଏଲ ହେଉଛନ୍ତି ଜଣେ ହଲାଣ୍ଡ–ଇସ୍ରାଏଲ–ଆମେରିକା ଅର୍ଥନୀତିଜ୍ଞ। ଏବେ ସେ ଆମେରିକାର ନର୍ଥୱେଷ୍ଟର୍ଣ୍ଣ ବିଶ୍ୱବିଦ୍ୟାଳୟରେ କାମ କରୁଛନ୍ତି। ସେ ସବୁବେଳେ ଐତିହାସିକ ପ୍ରମାଣକୁ ବ୍ୟବହାର କରି ସମାଜ କେମିତି ସ୍ଥିର ଅର୍ଥନୀତିରୁ ନିଜସ୍ୱ ସନ୍ତୁଳିତ ଅର୍ଥନୀତିକ ଅଭିବୃଦ୍ଧିକୁ ଗତି କଲା, ତା'କୁ ବୁଝିବାକୁ ଚେଷ୍ଟା କରୁଛନ୍ତି। ଫିଲିପେ ହେଉଛନ୍ତି କଲେଜ ଡେ ଫ୍ରାନ୍ସ ଓ ପିଟର ହୋୱିଟ୍ଟ ବ୍ରାଉନ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ। ଅର୍ଥନୀତିକ ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଉଭୟଙ୍କୁ ନୋବେଲ ପୁରସ୍କାର ମିଳିଛି।



ଅର୍ଥନୀତି ସହ ଚଳିତ ନୋବେଲ ସିଜିନ ଶେଷ ହୋଇଛି। ଗତ ସୋମବାର ଠାରୁ ନୋବେଲ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ପ୍ରଥମେ ଭେଷଜ, ତା'ପରେ ପଦାର୍ଥ, ବୁଧବାର ରସାୟନ, ଗୁରୁବାର ସାହିତ୍ୟ ଓ ଶୁକ୍ରବାର ନୋବେଲ ଶାନ୍ତି ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯାଇଥିଲା। ଆଜି ଅର୍ଥନୀତିରେ ନୋବେଲ ପୁରସ୍କାର ବିଜେତାଙ୍କ ନାଁ ଘୋଷଣା କରାଯାଇଛି। ଭେଷଜ, ପଦାର୍ଥ, ରସାୟନ ଓ ଅର୍ଥନୀତିରେ ୩ ଜଣ ଲେଖାଏ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ମିଳିଛି। ଚଳିତ ବର୍ଷ ସାହିତ୍ୟରେ ଲାସଜଲୋ କ୍ରାଜନାହୋରକାଇ ଓ ଭେନେଜୁଏଲାର ବିରୋଧୀ ଦଳ ନେତ୍ରୀ ମାରିଆ କୋରିନାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଜିତିଛନ୍ତି।

## ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ସ୍କୁଲ୍ ହାକାଥନ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୩।୧୦ (ମହାଭାରତ):** 'ବିକଶିତ ଭାରତ ବିଲ୍ଡାଥନ୍' ହେଉଛି ଉଦ୍ଭାବନ, ସୃଜନଶୀଳତା ଏବଂ ଯୁବ ଶକ୍ତିର ଏକ ଦେଶବ୍ୟାପୀ ଉତ୍ସବ। ଏହି ବିଲ୍ଡାଥନରୁ ତିଆରି ହେଉଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଦୃଷ୍ଟିକୋଣକୁ ଆଗକୁ ନେଇ ଏହି ବିଲ୍ଡାଥନ୍ ୨୦୨୫କୁ ଉଦଘାଟନ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମରେ ସାରା ଦେଶର ୩ ଲକ୍ଷରୁ ଅଧିକ ସ୍କୁଲ ଏବଂ ୨୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ଏହା ଭାରତର ବୃହତ୍ତମ ସ୍କୁଲ୍ ହାକାଥନ। ଏହି ମେଗା ସ୍କୁଲ୍ ଇନୋଭେସନ୍ ପଦକ୍ଷେପରେ ଅଂଶଗ୍ରହଣ କରିଥିବାରୁ ସମସ୍ତ ବିଦ୍ୟାଳୟ ଏବଂ ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ ଦୃଢ଼ ବିଶ୍ୱାସ ବ୍ୟକ୍ତ କରିଛନ୍ତି ଯେ ଏଠାରୁ ସୃଷ୍ଟି ହୋଇଥିବା ଅଭିନବ ବିଚାର ଗୁଡ଼ିକ ନୂତନ ବିଶ୍ୱ ମଡେଲ୍ ସୃଷ୍ଟି କରିବ ଏବଂ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ଜରୁରୀ ଆହ୍ୱାନଗୁଡ଼ିକର ସମାଧାନ ପାଇଁ ମାର୍ଗ ପ୍ରଶସ୍ତ କରିବ। ଏକ ବିକଶିତ ଏବଂ ସମୃଦ୍ଧ ଭାରତ ଆମର ପ୍ରତିଭାବାନ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ମିଳିତ ସହଯୋଗରେ ଗଠନ ହେବ। ଆମର ଛାତ୍ରଛାତ୍ରୀମାନେ ସେମାନଙ୍କର ଚିନ୍ତାଧାରା, କଳ୍ପନା ଏବଂ ନବସୃଜନ ସହିତ ଭାରତ ତଥା ବିଶ୍ୱ ପାଇଁ ଇତିହାସ ଲେଖିବେ।

ଏହି ଅବସରରେ ଶ୍ରୀ ପ୍ରଧାନ ମଥୁରା ରୋଡ୍ ସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ସେ ଛାତ୍ରଛାତ୍ରୀଙ୍କ ଉତ୍ସାହ ଓ ପାଠପଢାର ମନୋଭାବକୁ ପ୍ରଶଂସା କରିଥିଲେ। ସେହିପରି ଦିଲ୍ଲୀ କ୍ୟାଣ୍ଟନମେଣ୍ଟ ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର – ୨ର ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ମଧ୍ୟରେ ଥିବା ନବସୃଜନର ଚିନ୍ତାଧାରାକୁ ପ୍ରଶଂସା କରିଥିଲେ। ଏହି ଯୁବ ଉଦ୍ଭାବକମାନଙ୍କୁ ଶୁଭେଚ୍ଛା ଜଣାଇ ଶିକ୍ଷା ମନ୍ତ୍ରୀ କହିଥିଲେ, ଛାତ୍ରଛାତ୍ରୀମାନଙ୍କର କୌତୁହଳ, ସୃଜନଶୀଳତା ଏବଂ ଉଦ୍ଭାବନ ଭାରତକୁ ଆଗକୁ ନେବ। ବିକଶିତ ଭାରତ ବିଲ୍ଡାଥନ୍ ୨୦୨୫ ମାଧ୍ୟମରେ ଶିକ୍ଷା ମନ୍ତ୍ରଣାଳୟ ଦେଶର ଯୁବବର୍ଗଙ୍କୁ ଜାତୀୟ ବିକାଶର ଏକ ସକ୍ରିୟ ଅଂଶୀଦାର ହେବା ପାଇଁ ପ୍ରେରଣା ଦେବାର ଲକ୍ଷ୍ୟ ରଖିଛି। କେନ୍ଦ୍ରମନ୍ତ୍ରୀଙ୍କ କରକମଳରେ ଲୋକାର୍ପିତ ହୋଇଥିବା 'ବିକଶିତ ଭାରତ ବିଲ୍ଡାଥନ୍-୨୦୨୫' ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଏବଂ ସାକ୍ଷରତା ବିଭାଗ ଦ୍ୱାରା ଅଟଳ ଇନୋଭେସନ ମିଶନ, ନୀତି ଆୟୋଗ ଏବଂ ଏଆଇସିଟିଇ ସହଯୋଗରେ ଆୟୋଜନ କରାଯାଉଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଚିନ୍ତାଧାରା ଏବଂ ଉତ୍ପାଦ ବିକାଶ କରିବାର କ୍ଷମତାକୁ ବଢ଼ାଇବା। ଏଥିରେ ଛାତ୍ରଛାତ୍ରୀମାନେ 'ଭୋକାଲ୍ ଫର୍ ଲୋକାଲ', 'ଆତ୍ମନିର୍ଭର ଭାରତ', 'ସ୍ୱଦେଶୀ', ଏବଂ 'ସମୃଦ୍ଧି' ପରି ଚାରୋଟି ବିଷୟବସ୍ତୁ ଉପରେ କାମ କରିବେ। ଏହି କାର୍ଯ୍ୟକ୍ରମ ଦେଶରେ ନୂଆ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବ ଏବଂ ଯୁବପିଢ଼ିଙ୍କୁ ଏକ ଉନ୍ନତ, ବିକଶିତ, ଓ ଆତ୍ମନିର୍ଭର ଭାରତ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିବା ପାଇଁ ପ୍ରସ୍ତୁତ କରିବ। ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନେ ବିକଶିତ ଭାରତ ବିଲ୍ଡାଥନ୍ ପୋର୍ଟାଲ୍ ରେ ପଞ୍ଜିକରଣ କରିଥିଲେ। ଏହାର ଶେଷ ପର୍ଯ୍ୟାୟ ୨୦୨୬ ଜାନୁଆରୀରେ ଆୟୋଜନ ହୋଇ ଫଳାଫଳ ଘୋଷଣା ହେବ ଏବଂ ଶ୍ରେଷ୍ଠ ୧୦୦୦ରୁ ଅଧିକ ବିଜେତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।

# ପନିର କବାବ

**ଆବଶ୍ୟକୀୟ ସାମଗ୍ରୀ:** ଆଳୁ, ପନିର, ଲୁଣ, ଜୁଆଣି, କଟା ପିଆଜ, ଅଦା, ରସୁଣ, କଟା କଞ୍ଚା ଲଙ୍କା, ସେଜୱାନ ସସ୍, କର୍ନଫ୍ଲୋର, ଧନିଆ ପତ୍ର, ଅଦା, ରସୁଣ,ଗାଜର, କ୍ୟାପସିକମ୍ ।

**ପ୍ରସ୍ତୁତି ପ୍ରଣାଳୀ:** ଆଳୁ ପନିର କବାବ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ପାତ୍ରରେ ପନିର ଓ ସିଝା ଆଳୁକୁ ନେଇ ଚକଟି ଦିଅନ୍ତୁ। ଏବେ ସେଥିରେ କଟା ହୋଇଥିବା ପିଆଜ, ଲୁଣ, କଟା କ□ା ଲଙ୍କା, ଜୁଆଣି ଏବଂ ସେଜୱାନ ସସ୍, ଧନିଆ ପତ୍ର, ଛୋଟ ଛୋଟ କଟା ହୋଇଥିବା ଗାଜର, କ୍ୟାପସିକମ୍ ପକାଇ ଭଲ ଭାବେ ଚକଟି ଦିଅନ୍ତୁ। ସେଥିରେ କିଛି ଅଦା, ରସୁଣ ପକାଇ ମିଶାଇ ଦିଅନ୍ତୁ। ଏହାକୁ ଛୋଟ ଛୋଟ ଟିକ୍କି ପରି ଗୁଳା କରି ଦିଅନ୍ତୁ। ଏବେ କର୍ନ ଫ୍ଲୋର ଘୋଳରେ କବାବ୍କୁ ବୁଡାଇ ତେଲରେ ଛାଣିଦିଅନ୍ତି। ଏବେ ସସ୍ ସହିତ ଗରମାଗରମ ପରଷନ୍ତୁ ପନିର କବାବ।



## ଖବର

# ଅମିତାଭଙ୍କ ପରିବାରରେ ଖୁସିର ଲହରୀ, ଏକାସାଙ୍ଗରେ ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ହେଲେ ୩ ଜଣ ସଦସ୍ୟ



'୧୧ ଅକ୍ଟୋବର ସନ୍ଧ୍ୟା ବଚ୍ଚନ ପରିବାର ପାଇଁ ସ୍ପେଶାଲ ଥିଲା । କାହିଁକିନା ସେଦିନ ଅମିତାଭ ବଚ୍ଚନଙ୍କର ୮୩ତମ ଜନ୍ମଦିନ ଥିଲା । ସେ ତାଙ୍କ ପାଳନ କରୁଥିବା ବେଳେ, ତାଙ୍କ ପତ୍ନୀ ଜୟା ଏବଂ ପୁଅ ଅଭିଷେକଙ୍କୁ ମଧ୍ୟ ସମ୍ମାନିତ କରାଯାଉଥିଲା । ବଚ୍ଚନ ପରିବାର ଫିଲ୍ମଫେୟାର ପୁରସ୍କାରରେ ସମ୍ମାନିତ ହୋଇଥିଲେ । ଏହି ଆୱାର୍ଡ ତିନି ଜଣ ସଦସ୍ୟଙ୍କୁ ମିଳିଥିଲା ।ଅଭିଷେକ ବଚ୍ଚନଙ୍କ ୨୫ ବର୍ଷର ଆକ୍ଟିଂ କ୍ୟାରିୟରରେ ସର୍ବୋ□ମ ଅଭିନେତା ଭାବେ ପ୍ରଥମ ଥର ପାଇଁ ସେ ଫିଲ୍ମଫେୟାର ଆୱାର୍ଡ ଜିତିଥିଲେ । ସିନେମାରେ ଥିବା ଅବଦାନ ପାଇଁ ଜୟା ବଚ୍ଚନ ଏବଂ ଅମିତାଭ ବଚ୍ଚନଙ୍କୁ ଏଥିରେ ସମ୍ମାନିତ କରାଯାଇଥିଲା । କିନ୍ତୁ ଅମିତାଭ ଆୱାର୍ଡ ସେରିମନିରେ ଯୋଗ ଦେଇନଥିଲେ । ତଥାପି ତାଙ୍କ ପରିବାରର ୩ ଜଣ ସଦସ୍ୟଙ୍କୁ ଏହି ଆୱାର୍ଡ ମିଳିଥିବାରୁ ସେ ଖୁବ୍ ଖୁସି ରହିଛନ୍ତି । ଏହାରି ମଧ୍ୟରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସେ ନିଜର ଖୁସି ପ୍ରକାଶ କରିଛନ୍ତି ।ଏହା ବ୍ୟତୀତ ସେ ସେଥିରେ ଲେଖିଛନ୍ତି ଯେ, ଗୋଟିଏ ଦିନରେ ତିନିଟି ଆୱାର୍ଡ ପାଇଛନ୍ତି । ଫିଲ୍ମଫେୟାର ଜୟାଙ୍କ ୭୦ତମ ଜନ୍ମଦିନରେ ସମ୍ମାନିତ କରିଛି । ଅଭିଷେକଙ୍କୁ ୨୦୨୫ ମସିହାର ଶ୍ରେଷ୍ଠ ଅଭିନେତା ଭାବରେ ସମ୍ମାନିତ କରାଯାଇଥିଲା । ଯାହା ସେମାନଙ୍କର ବଡ଼ ସୌଭାଗ୍ୟ ବୋଲି କହିଛନ୍ତି । ଏଥିସହ ସେ ଜନସାଧାରଣଙ୍କୁ କୃତଜ୍ଞତା ଏବଂ ଧନ୍ୟବାଦ ଜଣାଇଛନ୍ତି ଯ।ଅନ୍ୟପଟେ ଅଭିଷେକ ବଚ୍ଚନ ତାଙ୍କ ପିତା ଏବଂ ଝିଅ ଆରାଧ୍ୟାଙ୍କୁ ହିରୋ କହିବା ସହିତ ଆୱାର୍ଡକୁ ଉତ୍ସର୍ଗ କରିଥିଲେ । ଏଥିସହ ଅଭିନେତା ତାଙ୍କ ମାଆ ଜୟା ଏବଂ ସ୍ତ୍ରୀ ଐଶ୍ୱର୍ଯ୍ୟାଙ୍କୁ ମଧ୍ୟ ମନେ ପକାଇଥିଲେ । ଯେଉଁମାନେ ତାଙ୍କ ପାଇଁ ପ୍ରାର୍ଥନା କରିଥିଲେ ଏବଂ ତାଙ୍କ ପାଇଁ ବଳିଦାନ ଦେଇଥିଲେ ଯ ଏହା ସହିତ ଅଭିଷେକ ଆୱାର୍ଡ ଜିତିବା ପରେ ତାଙ୍କ ଫିଲ୍ମର କ୍ରୁ ଏବଂ ତାଙ୍କ ନିଜ ଦଳକୁ ଧନ୍ୟବାଦ ଜଣାଇଥିଲେ।

## ସରଳ ଉପାୟରେ ପୂରଣ ହେବ ମନସ୍କାମନା



ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିବାର କିଛି ସରଳ ଉପାୟ ବିଷୟରେ ଜାଣନ୍ତୁ। ଏହି ଉପାୟ ଦ୍ୱାରା ମନସ୍କାମନା ପୂରଣ ହେବା ସହ ଶୁଭଫଳ ପ୍ରାପ୍ତି ହୋଇଥାଏ।

ତମ୍ବାର ଏକ କଳସରେ ଜଳରେ ଗଙ୍ଗାଜଳ ମିଶାଇ ଶିବ ଲିଙ୍ଗରେ ଜଳ ଅର୍ପଣ କରନ୍ତ। ଏହି ସମୟରେ ମନ୍ତ୍ର ଜପ କରନ୍ତୁ। ଧିରେ ଧିରେ ଏକ ଧାରାରେ ଜଳ ଅର୍ପଣ କରନ୍ତୁ।

ଅଖଣ୍ଡିତ ବେଲପତ୍ରରେ ଚନ୍ଦନ ତିଳକ ଲଗାଇ ପ୍ରଭୁଙ୍କୁ ଅର୍ପଣ କରନ୍ତୁ।

ବେଲପତ୍ର,ଦୁଦୁରା ଫୁଲ ପ୍ରଭୁଙ୍କୁ ଅର୍ପଣ କରନ୍ତୁ। ଶିବ ମନ୍ଦିରରେ ଘିଅ ଦୀପ ଲଗାଇବା ସହ ୧୦୮ ଥର ଶିବ ମନ୍ତ୍ର ଜପ କରନ୍ତୁ।

କ୍ଷୀର,ମହୁ ମଧ ପ୍ରଭୁଙ୍କୁ ଅର୍ପଣ କଲେ ମନସ୍କାମନା ପୂରଣ ହୋଇଥାଏ।

ଅସହାୟଙ୍କୁ ଭୋଜନ ଓ ବସ୍ତ୍ର ଦାନ କରନ୍ତୁ।

# ସୋରିଷ ତେଲ ମାଲିସର ପ୍ରଭାବ

ସୋରିଷ ତେଲ ନିୟମିତ ମାଲିସ୍ କଲେ ରକ୍ତ ସଞ୍ଚାଳନ ଶରୀରରେ ଭଲଭାବେ ହେବା ସହ ଉଷ୍ଣତା ଭିତରୁ ମିଳେ। ଶୋଇବା ପୂର୍ବରୁ ନିୟମିତ ସୋରିଷ ତେଲକୁ ହାଲକା ଉଷୁମ କରି ପାଦତଳେ ମାଲିସ୍ କଲେ ଭଲ ନିଦ ହେବ। ଦୃଷ୍ଟି ଶକ୍ତି ବଢ଼ିଥାଏ। ନିଶାସେବନ, ଧୂମପାନ ଅଧିକ କଲେ ଆଖିର ଜ୍ୟୋତି ପ୍ରଭାବିତ ହୁଏ। ଏଥିରୁ ବର୍ତ୍ତିବାକୁ ହେଲେ ସୋରିଷ ତେଲ୍ ମହୌଷଧି।



♦ ପରୀକ୍ଷାରୁ ଜଣାପଡ଼ିଛି ଯେ, ସୋରିଷ ତେଲ ପାଦ ତଳେ ମାଲିସ୍ କରିବା ଦ୍ୱାରା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ିବା ସହ ଓଜନକୁ ମଧ୍ୟ ନିୟନ୍ତ୍ରଣ କରେ।

♦ ମାନସିକ ଚାପ, ଅବସାଦ ଓ ନିଦ୍ରାହୀନତାରୁ ବର୍ତ୍ତିବାକୁ ଚାହୁଁଥିଲେ, ୧ ମାସ ପର୍ଯ୍ୟନ୍ତ ସୋରିଷ ତେଲ ପାଦ ତଳେ ମାଲିସ୍ କରନ୍ତୁ।

♦ ସପ୍ତାହରେ ୨-୩ ଦିନଥର ଏଇ ଉପାୟ କରନ୍ତୁ, ଦେଖିବେ ନିଶ୍ଚୟ ଆରାମ ଅନୁଭବ କରିବେ। ବଡ଼ କୁଣ୍ଡରେ ଉଷୁମ ପାଣି ଭର୍ତ୍ତି କରି ସେଥିରେ ୨-୩ ଚାମଚ ସୋରିଷ ତେଲ ପକାନ୍ତୁ। ସେହି ପାଣିରେ ପାଦ ୨୦ ମିନିଟ୍ ବୁଡ଼ାଇ ପରେ ଭଲଭାବେ ପୋଛିନେବେ। ସୁନିଦ୍ରା ନିମନ୍ତେ ଏହା ଏକ ଉତ୍ତମ ଉପାୟ।

# ଫ୍ୟାଶନରେ ପିଙ୍କ୍ ଆଇ ଲାଇନର୍



କୁହାଯାଏ ହୃଦୟକୁ ପହଞ୍ଚିବାର ମାଧ୍ୟମ ହେଉଛି ଆଖି। ଏଣୁ ମେକ୍ଅପ ଦୁନିଆରେ ଆଖିକୁ ବା ଆଇ ମେକ୍ଅପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଠିକ୍ ଭାବେ କରାଯାଇଥିବା ଆଇ ମେକ୍ଅପ୍ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱକୁ ବଦଳାଇଦେଇ ପାରେ। ଯଦି ଆପଣ ମଧ୍ୟ ଆଖିକୁ ସଜେଇବାକୁ ଭଲ ପାଆନ୍ତି ଆଉ ନିଜ ମେକ୍ଅପରେ କିଛି ଡ୍ରାମା ଭରିଦେବାକୁ ଚାହାନ୍ତି, ଏଇ ଆର୍ଟିକଲଟି ଆପଣଙ୍କ କାମରେ ଲାଗିପାରେ। ଯେପରି କି ମେକ୍ଅପ ପ୍ରେମୀମାନେ ଜାଣନ୍ତି ଯେ, ଠିକ୍ ଆଇ ମେକ୍ଅପ୍ ଆପଣଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିଥାଏ। କିନ୍ତୁ ଯେତେବେଳ ଡେଲି ମେକ୍ଅପ କଥା ଆସେ, ଆମେ ସେହି ରେଡ୍ ସେଡ୍ ଲିପଷ୍ଟିକ୍, ବ୍ଲାକ୍ ଲାଇନର୍, କାଜଲ୍, ଓ ମସ୍କାରା ଲଗାଇ ନିଅନ୍ତି। ଯଦି ଆପଣ ବି ଏଭଳି ନିତି ଦିନିଆ ମେକ୍ଅପରେ ବୋର୍ ହୋଇଗଲେଣି ତେବେ ଆଜି ପ୍ରସ୍ତୁତ ହୋଇଯାନ୍ତୁ ନିଜ ଆଖିରେ କିଛି ରଙ୍ଗ ମିଶାଇବାକୁ। ଲାଇଟ୍ ପିଙ୍କ୍ ବା ଡାର୍କ ପିଙ୍କ୍ ଆଏଲାଇନର୍ ସହ ନିଜ ମେକ୍ଅପ ଏକ୍ସପେରିମେଣ୍ଟ କରନ୍ତୁ। କେବଳ ବ୍ଲାକ୍ କାହିଁକି ବିଭିନ୍ନ କଲର୍ ସହ ଆପଣ ନିଜର ଆଇ ମେକ୍ଅପ୍ ଏକ୍ସପେରିମେଣ୍ଟ କରିପାରିବେ। ହେଲେ ଆଜିକାଲି ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି ପିଙ୍କ୍ ସେଡ। ବ୍ଲାକ୍ ଡ୍ରାମା ଆଇ ଲାଇନର ସହ ପିଙ୍କ୍ ଲାଇନର୍ ମିଶାଇ ନିଜ ଆଇ ମେକ୍ଅପରେ ଟିକେ ଅଧିକା ଡ୍ରାମା ଭରିଦେଇପାରିବେ। ଏବେ ଗ୍ରୀଷ୍ମଋତୁ ଆରମ୍ଭ ହୋଇଯାଇଛି। ଏହି ସମୟରେ ଏଭଳି ଆଇ ମେକ୍ଅପ ଆଣଙ୍କୁ ଏକ ଗ୍ଲାମର୍ସ ଲୁକ୍ ଦେଇପାରିବ। ଟ୍ରାଏ କରନ୍ତୁ । ଚଳିତବର୍ଷ ପିଙ୍କ ସେଡ୍ ଆଏଲାଇନର୍ ଫ୍ୟାଶନରେ ଟ୍ରେଣ୍ଡ ହେଉଛି। ଆପଣ ନିଜ ତ୍ୱଚାର ସେଡ୍ ଅନୁସାରେ ପିଙ୍କ୍ ଆଇ ଲାଇନର୍ ସେଡ୍ ଚୟନ କରିପାରିବେ। ତେବେ ଫ୍ୟାଶନ୍ ଟ୍ରେଣ୍ଡରେ ଚାଲିଥିବାରୁ ଭିନ୍ନ ଭିନ୍ନ ବ୍ରାଣ୍ଡର ପିଙ୍କ୍ ଆଇ ଲାଇନର୍ ଅନଲାଇନ୍ ଓ ଅଫଲାଇନ୍ ମାର୍କେଟରେ ଆପଣ ପାଇପାରିବେ। ଯଦି ଆପଣଙ୍କୁ ଡାର୍କ ପିଙ୍କ୍ ସେଡ୍ ପସନ୍ଦ କିନ୍ତୁ ଆପଣ ଡବଲ କୋଟ୍ କରିବାକୁ ଚାହାନ୍ତି ନାହିଁ। ତା'ହେଲେ ସିଙ୍ଗଲ୍ କୋଟ୍ କରି ବ୍ଲୁ ସେଡ୍ କିମ୍ବା ବ୍ଲାକ୍ ସେଡ୍ ଜେଲ୍ ଆଇ ଲାଇନର୍ ସହ ମିଶାଇ ଆପଣ ନିଜ ଆଖିକୁ ଆକର୍ଷଣୀୟ ଲୁକ୍ ଦେଇପାରିବେଯ ପିଙ୍କ୍ ଏକ ସଫ୍ଟ କଲର୍ ହୋଇଥିବାରୁ ସମସ୍ତଙ୍କୁ ଭଲ ଲାଗିଥାଏ। ଏଣୁ ପିଙ୍କ୍ ଆଇ ଲାଇନର୍ ବ୍ୟବହାର କଲେ ଆପଣ ଗ୍ଲିଟରି ଆଏ ସେଡୋ ବ୍ୟବହାର କରିପାରିବେ କିମ୍ବା ନ୍ୟୁଡ୍ ସେଡ୍ ଆଏ ସେଡୋ ଲଗାଇ ଟିକେ ହାଇଲାଇଟର୍ ମିଶାଇଦେଲେ ଆପଣଙ୍କ ଲୁକ୍ ଟିକେ ହଟକେ ଦେଖାଯିବ। ତେବେ ଧ୍ୟାନ ରଖିବେ, ଏଭଳି ଆଇ ମେକ୍ଅପ କରୁଥିଲେ, ସବୁବେଳେ କନଟ୍ରାଷ୍ଟ କଲର୍ ଲିପଷ୍ଟିକ୍ ହିଁ ମାନିଥାଏ।



# ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ

ଶନିଦେବଙ୍କୁ କର୍ମଫଳ ଦାତା କୁହାଯାଏ । ଅର୍ଥାତ କର୍ମ ଅନୁସାରେ ଫଳ ପ୍ରଦାନ କରିବା ବାଲା ଗ୍ରହ । ଶନିଦେବଙ୍କୁ ଅସନ୍ତୁଷ୍ଟ କରିବା ଅନୁଚିତ । କାରଣ କଳିଯୁଗରେ ଶନି ଏକ ମୁଖ୍ୟ ଗ୍ରହ ଭାବେ ଫଳ ପ୍ରଦାନ କରିଥାନ୍ତି । ଶନି ଶୁଭ ହେଲେ ମାନ, ସମ୍ମାନ, ପଦ, ପ୍ରତିଷ୍ଠା ମିଳିଥାଏ । ଶନି ଅଶୁଭ ହେଲେ ପଦ ପ୍ରତିଷ୍ଠା ନେଇଯାଇଥାନ୍ତି । ଟଙ୍କା ପଇସାର ଅଭାବର ଦେଖାଯାଇଥାଏ । ସମ୍ପର୍କ ଖରାପ କରିଦେଇଥାଏ । ଏପରିକି ଛାଡପତ୍ର ଭଳି ସମସ୍ୟା ମଧ୍ୟ ସୃଷ୍ଟି କରିଥାନ୍ତି । ଶନି ଭୟଙ୍କର ଖରାପ ହେଲେ ଜେଲ ମଧ୍ୟ ପଠାଇ ଦେଇଥାନ୍ତି । ଗମ୍ଭୀର ରୋଗ ଦେଇ ଜୀବନକୁ କଷ୍ଟରେ ଭରିଦେଇଥାନ୍ତି ।



ଶନି କେବେ ଦେଇଥାନ୍ତି ଅଶୁଭ ଫଳ

ଶନି ନିୟମ ଓ ଅନୁଶାସନର ଅତି ପ୍ରିୟ ହୋଇଥାନ୍ତି । ଯେଉଁ ଲୋକ ଏହାକୁ ପାଳନ କରନ୍ତି ନାହିଁ । ନିୟମ ଭାଙ୍ଗିଥାନ୍ତି ଓ ଭୁଲ ଢଙ୍ଗରେ ଆଚରଣ କରିଥାନ୍ତି । ଶନି କେବେ ତାଙ୍କୁ କ୍ଷମା କରିନଥାନ୍ତି । ସମୟ କ୍ରମେ ଖରାପ ଫଳ ପ୍ରଦାନ କରିଥାନ୍ତି ।

୧. ପରିଶ୍ରମ କରି ପେଟ ପୋଷୁଥିବା ଲୋକଙ୍କୁ କେବେ ହଇରାଣ କରନ୍ତୁ ନାହିଁ । ଏମାନଙ୍କ ହକ କେବେ ନିଅନ୍ତୁ ନାହିଁ । ଯିଏ ଏପରି କରିଥାନ୍ତି, ଶନି ସମୟ ଆସିଲେ ଉପଯୁକ୍ତ ଦଣ୍ଡ ଦେଇଥାନ୍ତି ।

୨. ଶନି ସେହି ଲୋକଙ୍କ ସବୁ କିଛି ନେଇଯାଇ ଥାନ୍ତି, ଯିଏ ଅନ୍ୟର ଖରାପ କରିଥାନ୍ତି । ଅନ୍ୟକୁ କଷ୍ଟ ପହଞ୍ଚାଇବା ପାଇଁ ଯୋଜନା କରିଥାନ୍ତି । ଏପରି ଲୋକଙ୍କୁ ଶନି ନିଜର ଦଶା, ଅନ୍ତର୍ଦ୍ଦଶା, ସାଢ଼ ସାତି ଓ ଢେଢ଼ୟା ଆସିଲେ ଅଶୁଭ ଫଳ ପ୍ରଦାନ କରିଥାନ୍ତି ।

୩. ନିଜ ପଦର ଅହଂକାର କରିବା, ଧନର ଦେଖାଇହେବା, ନିଜ ଅଧିକାରର ଭୁଲ ପ୍ରୟୋଗ କରିବା ବାଲାଙ୍କୁ ମଧ୍ୟ ଶନି କ୍ଷମା କରିନଥାନ୍ତି । ଶନି ଏପରି ଲୋକଙ୍କୁ କଠୋର ଦଣ୍ଡ ଦେଇଥାନ୍ତି ।

୪. ପ୍ରକୃତି ଓ ଜୀବ ଜନ୍ତୁଙ୍କୁ କ୍ଷତି ପହଞ୍ଚାଇବା କଥା ନୁହେଁ । ଏହାଦ୍ୱାରା ଶନିଦେବ ଅସନ୍ତୁଷ୍ଟ ହୋଇଯାଇ ଥାନ୍ତି । ଯେତେଦୂର ସମ୍ଭବ ଏହାର ସଂରକ୍ଷଣ ଓ ସୁରକ୍ଷା କରିବା ଦରକାର ।

# ନିର୍ବାଚନରେ ଗଡ଼ବଡ଼ !

ଗତ କିଛି ବର୍ଷ ହେବ ଯେତେବେଳେ କୌଣସି ନିର୍ବାଚନରେ କଂଗ୍ରେସ ପରାଜିତ ହେଉଛି ସେତେବେଳେ ରାହୁଲ ଗାନ୍ଧି ଜନାଦେଶକୁ ସ୍ୱୀକାର କରିବା ପରିବର୍ତ୍ତେ ନିର୍ବାଚନରେ ଗଡ଼ବଡ଼ ଅଭିଯୋଗ କରି ଆସୁଛନ୍ତି। କେତେବେଳେ ଇଭିଏମରେ ଜାଲିଆତି ଅଭିଯୋଗ ଉଠାଉଛନ୍ତି ତ କେତେବେଳେ ଭୋଟର ତାଲିକାରେ ଅନିୟମିତତା କଥା ଉଠାଉଛନ୍ତି। ହରିୟାନା ବିଧାନସଭା ନିର୍ବାଚନରେ ପରାଜୟ ପରେ ସେ ଏହି କଥା ଉଠାଉଛନ୍ତି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ଇଣ୍ଡି ମେଣ୍ଟର ଶୋଚନୀୟ ପରାଜୟ ପରେ ସେ ପୁନର୍ବାର ଜାଲ ଭୋଟର ପ୍ରସଙ୍ଗ ଉଠାଇଲେ। ସେ ଚିନ୍ତା କରିପାରୁନାହାଁନ୍ତି ଯେ, ଗୋଟିଏ ବିଧାନସଭା ନିର୍ବାଚନ ମଣ୍ଡଳୀରେ କେତେ ସଂଖ୍ୟକ ଜାଲ ଭୋଟର ହେଲେ ଜଣେ ପ୍ରାର୍ଥୀ ୨୦ରୁ ୪୦ ଭୋଟରେ ଜିତିବ ? ମହାରାଷ୍ଟ୍ରର ୨୮୮ ବିଧାନସଭା ଆସନରେ ଏଭଳି ଜାଲିଆତି କରିବା ଜିତିବାକୁ ହେଲେ ଅତି କମରେ କୋଟିଏ ଜାଲ ଭୋଟରଙ୍କ ଆବଶ୍ୟକତା ରହିଛି। ଏହା ଅସମ୍ଭବ। ଏବେ ବିହାର ବିଧାନସଭା ନିର୍ବାଚନରେ ମଧ୍ୟ ଅନୁରୂପ କୌଶଳରେ ବିଜେପି ଜିତିବାକୁ ଯୋଜନା କରୁଥିବା ଆଶଙ୍କା ବ୍ୟକ୍ତ କରିଛନ୍ତି ରାହୁଲ। ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ବିହାରରେ ମଧ୍ୟ କଂଗ୍ରେସ ଶୋଚନୀୟ ଭାବେ ପରାଜିତ ହେବ ବୋଲି ରାହୁଲ ପୂର୍ବାନୁମାନ କରୁଛନ୍ତି। ନିକଟରେ ଗୁଜରାଟରେ ଦଳୀୟ କର୍ମୀଙ୍କୁ ଉଦବୋଧନ ଦେଇ କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି ଯେ, ଦଳରେ ରହି କେତେକ ବ୍ୟକ୍ତି ବିଜେପି ପାଇଁ କାମ କରୁଛନ୍ତି। ଆବଶ୍ୟକ ପଡ଼ିଲେ ଏଭଳି ୩୦ରୁ ୪୦ ନେତାଙ୍କୁ ଦଳରୁ ବହିଷ୍କାର କରାଯିବ ବୋଲି ରାହୁଲ ଚେତାବନୀ ଦେଇଛନ୍ତି। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି ସେ ଏହା କହିଛନ୍ତି। ପୂର୍ବରୁ ମଧ୍ୟ ଅନେକ ଥର ସେ ଏଭଳି ଧମକ ବା ଚେତାବନୀ ଦେଇଛନ୍ତି। କଂଗ୍ରେସରେ ଯିଏ ଯେତେବେଳେ ଶୃଙ୍ଖଳା ରକ୍ଷା ବା ଅନୁଶାସନ କଥା କହିଲା, ଯିଏ ନେତୃତ୍ୱର ଦୁର୍ବଳତା ପ୍ରସଙ୍ଗ ଉଠାଇଲା, ତାଙ୍କୁ ରାହୁଲ ସଦାସର୍ବଦା ବିଜେପି ଏଜେଣ୍ଟ ବୋଲି କହିଥାଆନ୍ତି। ଏକଦା ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖି କଂଗ୍ରେସର ୧୪ଜଣ ବରିଷ୍ଠ ନେତା କଂଗ୍ରେସରେ ସ୍ଥାୟୀ ସଭାପତି ନିଯୁକ୍ତି ପାଇଁ ଦାବି କରିଥିଲେ। ଏଥିରେ କ'ଣ ଭୁଲ ଥିଲା ? କିନ୍ତୁ ରାହୁଲ ଏହି ନେତାମାନଙ୍କୁ ବିଜେପିର ଏଜେଣ୍ଟ ବୋଲି କହିଥିଲେ। ଅର୍ଥାତ କଂଗ୍ରେସରେ ରହି କେହି ଗାନ୍ଧି ପରିବାରକୁ ପ୍ରଶ୍ନ କରିପାରିବେନି, କେହି ଏହାର ନେତୃତ୍ୱ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିପାରିବନି। ଗାନ୍ଧି ପରିବାର ଯେତେବେଳେ ଯାହା ନିଷ୍ପତ୍ତି ନେବେ ତାହା ଚୁଡ଼ାନ୍ତ। ଏହାକୁ ଯିଏ ସ୍ୱୀକାର ନକଲା ସେ ବିଜେବପିର ଏଜେଣ୍ଟ। ବାସ୍ତବରେ ରାହୁଲଙ୍କୁ ବିଜେପି ଭୁତ ଲାଗିଛି। ନଚେତ ସେ ଏପରି କଥା କହୁନଥାନ୍ତେ। ବିଜେପି ଏବଂ ନରେନ୍ଦ୍ର ମୋଦିଙ୍କ ପ୍ରତି ତାଙ୍କର ଭୟକୁ ଏହା ପ୍ରମାଣିତ କରୁଛି। ରାହୁଲ ଗାନ୍ଧି ଏବେ ଲୋକସଭାରେ ବିରୋଧୀ ଦଳ ନେତା। କିନ୍ତୁ ଦଳର ରାଷ୍ଟ୍ରୀୟ ସଭାପତି ହେଉଛନ୍ତି ମଲ୍ଲିକାର୍ଜୁନ ଖାର୍ଗେ। ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ଯଦି କାହା ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ ତେବେ ସେହି ନିଷ୍ପତ୍ତି ନେବାର ଦାୟିତ୍ୱ ଏବଂ କ୍ଷମତା କେବଳ ଖାର୍ଗେଙ୍କ ହାତରେ ରହିଛି। ରାହୁଲ ଚାହିଁଲେ ଦଳରୁ କାହାରିକୁ ବିଦା କରିପାରିବେ ନାହିଁ। ଦଳରୁ ୩୦/୪୦ ଜଣ ନେତାଙ୍କୁ ବହିଷ୍କାର କରାଯିବ ବୋଲି ରାହୁଲଙ୍କ ଚେତାବନୀ ପ୍ରମାଣିତ କରୁଛି ଯେ, ସେ ହେଉଛନ୍ତି କଂଗ୍ରେସ ଦଳର ନେତା ବା ମାଲିକ। ଖାର୍ଗେ କେବଳ ଗାନ୍ଧି ପରିବାରର ନିର୍ଦ୍ଦେଶପାଳନକାରୀ। ସେ ହେଉଛନ୍ତି ଜଣେ ସଖୀ କଣ୍ଢେଇ ସଭାପତି। ତାଙ୍କୁ ଆଗରେ ରଖି ରାହୁଲ, ସୋନିଆ, ପ୍ରିୟଙ୍କା କଂଗ୍ରେସ ଦଳକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯାହା ବି ହେଉ ରାହୁଲ ଦଳ ଭିତରେ ଥିବା ଷଡ଼ଯନ୍ତ୍ରକାରୀଙ୍କୁ ଯେଉଁ ଚେତାବନୀ ଦେଇଛନ୍ତି ।

# ଅନିର୍ବାଣ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା


॥ ନିରଞ୍ଜନ ମେକାପ ॥


*ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।*

ଜଣେ ବ୍ୟକ୍ତି ନୁହନ୍ତି- ସେ ହେଉଛନ୍ତି ଇତିହାସ ସଂଚାଳିକା ମହାନଶକ୍ତିର ପ୍ରତିଭୂ-ଏକ ମହାନ ଗଣନେତା , ଜନସାଧାରଣଙ୍କ ଆଶା – ଆକକ୍ଷାଂ ଓ ସଂଗ୍ରାମର ପ୍ରତୀକ ଲୋହିତ ଲାଭା ସ୍ରୋତ- ମାନବସ୍ୱାର ସର୍ବାତ୍ମକ ମୁକ୍ତିପାଇଁ ଦୁର୍ବାର ସଂଗ୍ରାମର ଅବିରଳ ଯୋଦ୍ଧା। ସେ ଜଣେ ମହାନାୟକ, ରକ୍ତ ସୂର୍ଯ୍ୟ ଅଥବା ଅଗ୍ନିପୁତ୍ରର ଭୁଙ୍ଗ କଳେବଛା ସମାଜରୁ ବ୍ୟାପକ କ୍ଷେତ୍ରରେ ପରାଧୀନତା, ଦାସତ୍ୱ, ଶୋଷଣରୁ ମୁକ୍ତ ଓ ସାମାମଜିକ ନ୍ୟାୟର ପ୍ରତିଷ୍ଠା ସହଜ ଏକ ଉନ୍ନତ ଶାନ୍ତି, ସମତାପୂର୍ଣ୍ଣ ସମାଜର ଗଠନ ପାଇଁ ସେ ପ୍ରାଣପାତ କରିଯାଇଛନ୍ତି। ସେ ବିପ୍ଳବୀ ମାତ୍ର ବିଦ୍ରୋହୀ ନୁହଁନ୍ତି। ବିପ୍ଳବର ଅର୍ଥ ସାମାଜିକ, ଅର୍ଥନୀତିକ ଓ ରାଜନୀତି ବ୍ୟବସ୍ଥାର ଆମୂଳ ଚୁଳ ପରିବର୍ତ୍ତନ। ବିପ୍ଳବର ଆଗ୍ନେୟ ସ୍ରୋତ ଦୁର୍ନିବାର। ବିପ୍ଳବ ସୃଷ୍ଟି ମାନାବାତ୍ମା ମୁକ୍ତ ପାଇଁ, ଶୋଷଣ ଅତ୍ୟାଚାରକୁ ପ୍ରତିରୋଧ କରିବା ପାଇଁ। ମଥିତ ଲାଂଛିତ ଦାସ ମଣିଷ ପାଇଁ କେଉଁ ଆଲ୍ଲା, ଗଡ କେଉଁ ଭଗବାନ, ଈଶ୍ୱର , ଜିହୋଦା ହାତ ବଢାଇ ମଣିଷକୁ ସାହାଯ୍ୟ କରିନଥାନ୍ତି। ତାର ପ୍ରଭୁ ହେଉଛନ୍ତି ଉଦୀପ୍ତ ଚେତନା ସମ୍ଭୁତ ପ୍ରବଳ ପ୍ରତିରୋଧ କରିପାରୁଥିବା ଜଣେ ଅଟଳ, ଅବିଚଳିତ, ମୁକ୍ତି ସଂଗ୍ରାମୀ ମଣିଷ। ସେହି ଆଗ୍ନେୟ ପ୍ରତିଭା, ସଂଗ୍ରାମୀ ମୁକ୍ତିର ପ୍ରଭଜନର ଅନ୍ୟନାମ ହେଉଛି ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା, ଯିଏ ଜୀବନ ତମାମ କନିକାରାଜାଙ୍କ ୬୪ କର ଖଜଣାରୁ କନିକା ବାସୀଙ୍କୁ ମୁକ୍ତ କରିବା ପାଇଁ ସୃଷ୍ଟି କରିଥିଲେ କନିକା ପ୍ରଜା ଆନ୍ଦୋଳନ କଡର ଇଗଲ ସାଜି ଅତ୍ୟାଚାରୀ କନିକା ରାଜାଙ୍କ ଆଖି ହଜାଇଦେଇଥିଲେ ନିଦ୍ରାର ମହୁଲ ନିଶା। କନିକା ପ୍ରଜା ବିପ୍ଳବର ଆଗ୍ନେୟ ସଂଗ୍ରାମର ଫେନିକ ଉଦଗୀରଣକୁ କନିକା ରାଜା ତରବାରୀ , ବର୍ଚ୍ଛା, କମାଣ, ବନ୍ଧୁକ ଗୁଳିରେ ବାରମ୍ବାର ଦମନ କରିଛନ୍ତି। ମାତ୍ର ଆନନ୍ଦ ଚନ୍ଦ୍ରଙ୍କର ପୁସ୍ତକ 'ଦୁଃଖିନୀ କନିକା' ଭୈରବୀ ତାଳରେ ସାରା ଭାରତବର୍ଷରେ ଦେଖା ଦେଇଛି। ଅତ୍ୟାଚାରୀ କନିକା ରାଜାର ଅସଲ ସ୍ୱରୂପ । ତାଙ୍କୁ କନିକା ନରେଶ କରିଛନ୍ତି ନିର୍ବାସିତ, ଅତିଥ୍ୟା ଦ୍ୱାର ଦେଇ ତାଙ୍କ କରିଛନ୍ତି ସର୍ବନାଶ। ତଥାପି ସେ ଥିଲେ ବଜ୍ର ପରି ଅଟଳ , କାୟ ମନୋ ବାକ୍ୟରେ ଅନ୍ୟାୟ ଅତ୍ୟାଚାର ଓ ଶୋଷଣର ପ୍ରତିସ୍ପର୍ଦ୍ଧୀ। ଦୁଃଖିନୀ କନିକାରେ ସେ ଲେଖିଛନ୍ତି।

ଅନ୍ୟାୟ କଲି ଯେବେ ଭାଇ ସେ ଦଣ୍ଡ ପଡୁ ମୋହ ପାଇଁ
ଜୀବନ ଯଦି ଯିବ ଯାଉ ପଛକୁ ନ ହଟିବି ଆଉ
ପ୍ରକୃତ କହୁଁ କହୁଁ ଯେବେ ମୋ ପ୍ରାଣ ଯାଇପାରେ ତେବେ
ମଙ୍ଗଳ ହେବ ଭାଇଙ୍କର ଏଥକୁ କାହିଁ ପାଇଁ ଡର ମରଣ
ପଛେ ମୋତେ ହେଉ କାହାରି ବିପଦ ନ ରହୁ। ସେ ଦିନ ଥିଲା ୧୮୮୪ ମସିହା, ଜୁଲାଇ ମାସ ୧୭ ତାରିଖ ଗୁରୁବାର।

୧୨୯୧ ସାଲ , ଶ୍ରାବଣ ୨୨ ଦିନ ଶୁକ୍ଳ ତ୍ରୟୋଦଶୀ ତିଥି ତୁହା ତୁହାକୁ ବର୍ଷା ଅଜାଡି ହୋଇ ପଡୁଥିଲା ଆକାଶରୁ। ପ୍ରାକ୍ତନ କନିକା ଇଷ୍ଟେଟ ଅନ୍ତର୍ଗତ ଡାଳିକାଏନ୍ଦା ଗ୍ରାମର ଜଣାଶୁଣା ଆଭିଜାତ୍ୟ ଜେନା ବଂଶୀୟ ଗୋଟିଏ ଚାଳ ଗୃହ ମଧ୍ୟରୁ ଠିକ ରାତ୍ର ଅଢେଇ ପ୍ରହରରେ ଶୁଣାଗଲା ଏକ ଭୂମିଷ୍ଠ ଶିଶୁପୁତ୍ରର କୁଆଁ କୁଆଁ ରାବ ଛଅ ଝିଅ ପରେ ପୁତ୍ରଟିକୁ ପାଇଁ ଆନ୍ଦରେ ଉଲ୍ଲସି ହୋଇ ଉଠିଥିଲେ ଯୁବକ ପୋଲିସ ଖଗେଶ୍ୱର ଜେନା। ବର୍ଷା ଭିଜା ଆକାଶ ପଣତରେ ଥରକୁ ଥର ମୁହଁ ଲୁଚାଇଥିବା ତ୍ରୟୋଦଶ ତିଥିର ଚନ୍ଦ୍ରକୁ ଚାହିଁ ପୁତ୍ରର ନାମ ରଖିଥିଲେ ଆନନ୍ଦ ଚନ୍ଦ୍ର।

ସ୍ୱାଧୀନ ଚରଣ ଖଗେଶ୍ୱର ଘଟଣା ଚକ୍ରରେ ବିଶ୍ରାମ ପୋଲିସ ବାହିନୀକୁ ତ୍ୟାଗ କରି ଜୀତିବା ଉଦ୍ଦେଶ୍ୟରେ ଯାଆନ୍ତି କଲିକତା ସହର ସ୍ଥିତ ଜଗଦଳପୁରକୁ ଏକ ଲୁହା କଂଟା ଦୋକାନ କରିବାକୁ। ଶିଶୁ ଆନନ୍ଦ ଚନ୍ଦ୍ର ପ୍ରାଥମିକ ଶିକ୍ଷା ସମାପ୍ତ କରି ଚାନ୍ଦବାଲି ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅଧ୍ୟୟନ କଲାବେଳେ ପ୍ରଥମେ ଶୁଣିଥିଲେ କନିକା ରାଜାଙ୍କର ଅତ୍ୟଚାରର କାହାଣୀ। ତା ପରେ ସେ କନିକା ରାଜାଙ୍କ ବିରୁଦ୍ଧରେ ବିଦ୍ରୋହ କରିବାକୁ ତାଙ୍କ ମନରେ ବିଦ୍ରୋହର ବୀଜ ବପନ ହୁଏ, ମାତ୍ର କନିକା ରାଜାଙ୍କ ରାଜ କର୍ମଚାରୀଙ୍କ ଦ୍ୱାରା ଅପମାନିତ ହୋଇ ନିଜ ପିତାଙ୍କ ନିକଟକୁ ଯାଇ ସେଠାରେ ଏଂଟ୍ରାନ୍ସ ପାଶ କରିବା ପରେ କିଛିଦିନ ଖ୍ୟାତିନାମ ଆଇନଜୀବୀ ଦେଶ ସେବକ ଚିରଂଜନ ଦାସଙ୍କ ନିକଟରେ ମୁକ୍ତାର କାମ କଲେ। ଏହି ଠାରେ ସେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ବିପ୍ଳବୀ ଅରବିନ୍ଦ ଘୋଷ (ପରେଯୋଗୀ ଅରବିନ୍ଦ) ରାସ ବିହାରୀ ବୋଷଙ୍କ ପରେ ବିଶିତଷ୍ଟ ସ୍ୱାଧୀନତା ସଂଗ୍ରାମର ଲଢେଇ କରିବାର ପ୍ରଚଣ୍ଡ ସ୍ପୃହା ଜାତ ହୋଇଥିଲା ଏହାପରେ ବଙ୍ଗଭଙ୍ଗ ଆନ୍ଦୋଳନରେ ଗିରଫ ହେଲା ପରେ ଗାନ୍ଧିଜୀଙ୍କ ସାବରମତୀ ଆଶ୍ରମରେ ଜଣେ ପ୍ରଥମ ଓଡିଆ ଛାତ୍ର ଭାବେ ଯୋଗ ଦେଇଥିଲେ। ସେଠାରେ ସରୋଜିନି ନାଇଡୁ, ଈଶ୍ୱର ଲାଲ ବ୍ୟାସ, ଆଚାର୍ଯ୍ୟ କୃପାଳିନଦୀ, ଡଃ ସାବରକ୍ୟ, ମନମୋହନ ମାଲବ୍ୟଙ୍କ ନିକଟତର ହୋଇ ବିପ୍ଳବ ଚେତନାକୁ ଆହୁରି ଶାଣିତ କରିଥିଲେ, ଉକ୍ତ ପ୍ରହ୍ଲାଦଙ୍କ ସମ୍ବନ୍ଧରେ ତାଙ୍କର ମୌଳିକ ଚିଂାଧାରାରେ ମୁଗ୍ଧ ହୋଇ ଗାନ୍ଧିଜୀ ତାକୁ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଭାବେ ଚିହ୍ନଟ କରିଥିଲେ।

ନିଜ ମାତୃଭୂମି କନିକାକୁ ଫେରିଲା ପରେ ତତକାଳୀନ କନିକା ରାଜବଂଶର ୩୪ ତମ ରାଜା ରାଜେନ୍ଦ୍ର ନାରାୟଣ ଭଂଜଦେବ (୧୯୦୯ ରୁ ୧୯୪୮ ମସିହା) ଚଉଷଠି କର ବସାଇ ପ୍ରଜାମାନଙ୍କ ଜୀବନ ଦୁର୍ବିସହ କରିଦେଇଥିଲେ। ୧୯୧୪ ମସିହାର ଦୁର୍ଭିକ୍ଷରେ ପ୍ରପୀଡିତ କନିକା ବାସୀଙ୍କ ଉପରେ ରାଜାଙ୍କର କର ଓ ଅତ୍ୟାଚାର ପ୍ରଜାଙ୍କ ଦୁଃଖ ଦୁର୍ଦ୍ଦଶାକୁ ବହୁ ଗୁଣିତ କରିଥିଲା।

ଏହାପରେ ସେ ତାଙ୍କର ଜନ୍ମସ୍ଥାନ ଡାଳିକାଏନ୍ଦର ମେଘପୁର ଗ୍ରାମର ଶେଷ ମୁଣ୍ଡରେ କେବର୍ତା ପୋଖରୀ ପାଖରେ ଏକ ବିଦ୍ୟାଳୟ ସ୍ଥାପନ କରି ଅତ୍ୟାଚାରୀ ରାଜତନ୍ତ୍ର ବିରୁଦ୍ଧରେ ଜନସାଧାରଣଙ୍କୁ ସଙ୍ଗଠିତ କରିବାକୁ ଲାଗିପଡିଲେ। ଏହି ବିଦ୍ୟାଳୟରେ ନିଜେ ଶିକ୍ଷକତା କରୁଥିଲା ସମୟରେ ତାଙ୍କର ଅଗ୍ନିବର୍ଷା ଲେଖନୀରୁ ନିସୃତ ହୋଇଥିଲା ଦୁଃଖିନୀ କନିକା ନପର ଶାଣିତ ରଚନା। ଏହି ପୁସ୍ତକ କନିକା ପ୍ରଜାମାନଙ୍କ ପ୍ରାଣରେ ବିଦ୍ରୋହର ନିଆଁ ଜଳାଇ ଦେଇଥିଲା। ଉତ୍କଳ ମଣି ଗୋପବନ୍ଧୁ ସେହି ସମୟରେ ଓ ପୁସ୍ତକ ପଢିଲେଖିଥିଲେ।

ଦୁଃଖିନୀ କନିକା ପୁସ୍ତକ ଇଂରାଜୀରେ ଗୋପବଂଧୁଙ୍କ ଦ୍ୱାରା ଅନୁଦିତ ହୋଇ ଗାନ୍ଧିଜୀଙ୍କ ୟଙ୍ଗ ଇଣ୍ଡିଆ ପତ୍ରିକାରେ ପ୍ରକାଶ ପାଇଲା ପରେ କନିକା ରାଜାଙ୍କ ଅସଲ ସ୍ୱରୂପ ଉନ୍ମୋଚିତ ହୋଇ ଯାଇଥିଲା। ତେଣୁ ରାଜା ଉତକ୍ଷିପ୍ତ ହୋଇ ନିଜ ରାଜ୍ୟରେ ଦୁଃଖିନୀ କନିକା ପୁସ୍ତକକୁ ବେଆଇନ ଘୋଷଣା କରି ଆନନ୍ଦ ଚନ୍ଦ୍ରଙ୍କୁ ଗିରଫ କରିବାକୁ ଶପଥ ନେଇଥିଲେ। ମେଘପୁର ବେବର୍ତ୍ତା ପୋଖରି ହୁଡାରେ ଏକ ସଭା ଆୟୋଜିତ କରି ପ୍ରଜାମାନଙ୍କୁ ସେ ଉଦବୋଧନ ଦେଉଥିଲାବେଳେ କନିକା ରାଜାଙ୍କ ଅନୁରୋଧ କ୍ରମେ ତତକାଳୀନ ବିଟ୍ରିଶ ସରକାର ଜଗତସିଂହପୁର ଦେୱାନ ବାହାଦୂର ଶ୍ରୀକୃଷ୍ଣ ମହାପାତ୍ରଙ୍କୁ ଏଠାକୁ ପଠାଇଥିଲେ। ଭାରତ ସ୍ୱାଧୀନତାକୁ ବାରମ୍ବାର ପଣ୍ଡକରିଥିବା ଏହି ଦେଶ ବିଦ୍ରେହୀ ଶ୍ରୀକୃଷ୍ଣ ମହାପାତ୍ରଙ୍କ ନିର୍ଦ୍ଦେଶରେ ଆଖିବୁଜା ଗୁଳି ଚଳାଇଥିଲା ପୋଲିସ, ଦୁଇ ନିରୀହ ଆନ୍ଦୋଳନକାରୀ ବାସୁସେଠୀ ଓ ବିଶୁନି ମଢୁଆଳ ସେହି ଗୁଳି ଚୋଟରେ ପ୍ରାଣ ହରାଇଥିଲେ। ରକ୍ତରଂଜିତ ଜାଲିୱାନାବାଗ ଓ ରାକ୍ତ ମାଟି ଇରମର ସେଠାରେ ହୋଇଥିଲା ପୁନରାବୃତି। ପ୍ରଜାଙ୍କ ଧନକୁ ଅପହରଣ କରି ଅତ୍ୟାଚାର କରୁଥିବା ଚାଲୁଣିଆ କଚେରୀର ରାଧାଶ୍ୟାମ ଦାସଙ୍କୁ କିନ୍ତୁ ରାଜାସାହେବ ଦେଇଥିଲେ ପୁରସ୍କାର। ପୋଲିସ ଗ୍ରାମ ଗ୍ରାମ ଘରେ ଘରେ ବୁଲି ଆରମ୍ଭ କରିଥିଲା ଦମନଲୀଳା

ଶେଷରେ କନିକାରାଜା ବିପ୍ଳବୀ ଆନନ୍ଦଚନ୍ଦ୍ରକୁ କନିକାରୁ ନିର୍ବାସିତ କରିଥିଲେ। ତାଙ୍କର ଥିବା ପୈତୃକ ୪୨ ଏକର ସମ୍ପତିକୁ ବ୍ୟାଜାପ୍ତି କରି ଦେଲେ ନିଜେ କନିକା ରାଜା ଶେଷରେ ଖବର ପାଇ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ଯଦୁମଣି ମଙ୍ଗରାଜ, ସନ୍ତୁଚରଣ ବେହେରା, ଡଃ ଅଟଳ ବିହାରୀ ଆଚାର୍ଯ୍ୟ, ମୁଖ୍ୟ ସଂଯୋଜିକା ରାମ ଦାସ ବାବାଜୀ ମାନେ କନିକା ରାଜାଙ୍କ ବିରୁଦ୍ଧରେ ବିକ୍ଷୋଭ କରିଥିଲେ। ନିରୂପାୟ ହୋଇ ପିଲାଛୁଆଙ୍କୁ ସଙ୍ଗରେ ଧରି କେନ୍ଦ୍ରାପଡା ସହର ଅଂର୍ଗତ ହଜାରୀବଗିଚା ଗ୍ରାମକୁ ଆସି ବସବାସ କରିଥିଲେ ଆନନ୍ଦ ଚନ୍ଦ୍ର। ତାଙ୍କର ଏକ କୁଟୀର ଥିଲା ସ୍ୱାଧୀନତା ସଂଗ୍ରାମୀଙ୍କ ମିଳନ କ୍ଷେତ୍ର ଏଠାରେ ଉତ୍କଳ ମଣି ଗୋପବନ୍ଧୁ ଦାସ, ହରେକୃଷ୍ଣ ମହତାବ, ରଘୁନାଥ ମହାନ୍ତି, ଘନଶ୍ୟାମ ମହାନ୍ତି, ରାଜକୃଷ୍ଣ ବୋଷ, ବ୍ରଜବନ୍ଧୁ ସିଂହ ଓ ଶ୍ରୀଧର ସାହୁଙ୍କ ସହିତ ପ୍ରତ୍ୟହ ସଂପର୍କ ରଖୁଥିଲେ ଆନନ୍ଦ ଚନ୍ଦ୍ର । ଶେଷରେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଦୁଇଜଣ ରାଜଭକ୍ତଙ୍କୁ ହଜାରିବଗିଚା ପ୍ରେରଣ କରିଥିଲେ ରାଜା ସାହେବ ଏହି ଦୁଇଜଣ କନିକାବାସୀ ରାଜାଙ୍କ ବିରୁଦ୍ଧରେ ମିଥ୍ୟା ପ୍ରଳାପ କରି ତାଙ୍କ ବାସଭବନରେ ତାଙ୍କ ଖାଦ୍ୟରେ ବିଷ ମିଶାଇ କନିକା ଫେରିଯାଇଥିଲେ। ବନ୍ଧୁ ଡାକ୍ତର କାଚୁଳ ବିହାରୀ ଆଚାର୍ଯ୍ୟ ଓ କମ୍ପାଉଣ୍ଡର ବ୍ରଜବନ୍ଧୁ ସିଂହଙ୍କ ଅକ୍ଳାନ୍ତ ପ୍ରଚେଷ୍ଟା ସତ୍ତ୍ୱେ ଏ ବିପ୍ଳବୀ ବୀର ଆନନ୍ଦ ଚନ୍ଦ୍ରଙ୍କର ୧୯୪୬ ମସିହା ଜାନୁଆରୀ ମାସ ୨୭ ତାରିଖ ଦିନ ଦେହାନ୍ତ ହୋଇଯାଇଥିଲା। ଏଥି ପୂର୍ବରୁ ସେ ଜୀବିକା ନିର୍ବାହ କରିବା ପାଇଁ କେନ୍ଦ୍ରାପଡା ଜେଲ ନିକଟରେ ପାନ ଦୋକାନ କଟକରୁ ଆଣି ପିଲାଙ୍କ ବହିପତ୍ର ବିକ୍ରି ଓ ଶେଷରେ ସହର ବୁଲି ବୁଲି ଖବର କାଗଜ ବିକିଥିଲେ। ତଥାପି ଏତେ କଣେ ସତ୍ତ୍ୱେ ଜୀବନର ଶେଷ ମୁହୂର୍ତ ପର୍ଯ୍ୟନ୍ତ ବିପ୍ଳବର ବହ୍ନିଶିଖା ତାଙ୍କ ଜୀବନରେ ଅନିର୍ବାଣ ହୋଇରହିଛି, ରହିଥିବ କେତେ କାଳକୁ, ସେ କଥା କିଏ କହିବ।


ଶ୍ରୀ ବଳଦେବଜୀଉ, କେନ୍ଦ୍ରାପଡା
ମୋ-୭୮୭୩୯୮୩୯୧୧


# 'ମନୁଷ୍ୟ ଜୀବନେ ଏ ଲାଭ...


॥ ହିମାଂଶୁ ଶେଖର ସେଠୀ ॥


ଜନ୍ମ ମୃତ୍ୟୁର ନିଗୁଢ଼ ବ୍ୟୁହଭେଦ ମାନବର ସୀମିତ ମନବୃଦ୍ଧିର ଅଗୋଚର। ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ ବାସ୍ତବରେ ଯିବାଟା ହିଁ ସତ୍ୟ ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିକୁ ପଦଚିହ୍ନ ଛାଡ଼ି ଯାଆନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଗୀତାରେ ଭଗବାନ କହିଛନ୍ତି 'ଯିଏ କାହାକୁ ପୀଡ଼ା ନଦିଏ ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହସ ଓ ବିଶାଦ ଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତାର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' 'ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ, କର୍ମେ ଯିଏ ନର କର୍ମ ଏକା ତାର ଜୀବନର ମାନ ଦଣ୍ଡ' – ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣା କରାଗଲା ତାହା କେବେହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମ ତତ୍ପର ଜୀବନଯାପନ ଓ ସାଧୁ ଆଧାତ୍ମିକ ତଥା ମାନବୀୟ ମୂଲ୍ୟବୋଧ ଜୀବନ ଯାପନ ପ୍ରକୃତ ମାନବିକତାର ପରିଚୟ। ପ୍ରକୃତ ମାନବ ସେବା ପାଇଁ ଲୋକବଳ, ଆର୍ଥିକ ସ୍ୱଚ୍ଛଳତା, ସରକାରୀ ସାହାଯ୍ୟ ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତ ପ୍ରେମ, ସେବା ମନୋବୃତ୍ତି, ପ୍ରେମ – ପ୍ରଶାନ୍ତ, କ୍ଷମା ଓ ତ୍ୟାଗଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ଶକ୍ତି, ସମୟ, ଜ୍ଞାନ, ସମ୍ପତ୍ତିର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ରବୀନ୍ଦ୍ର ସେଠୀଙ୍କ ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି। ଯାହା ସମଗ୍ର ମାନବ ଜାତିକୁ ସବୁ ସମୟରେ ପ୍ରେରଣା ଯୋଗାଇବ।

ଏ ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣି ଥରେ ଆସିବାକୁ। ମାତ୍ର ଯେଉଁମାନେ ପରମ ପୁରୁଷ ଭଗବତ୍ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ।

ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ହେଲେ ସ୍ୱର୍ଗତଃ ରବୀନ୍ଦ୍ର ସେଠୀ। ଯାହାଙ୍କ ଜନ୍ମକ୍ଷେତ୍ର ଓ କର୍ମକ୍ଷେତ୍ର ଥିଲା ଭଣ୍ଡାରିପୋଖରୀ ଅନ୍ତର୍ଗତ ଫତେପୁର ଗ୍ରାମ। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ଆଧାତ୍ମିକ ସମାଜ ସେବାକୁ ତାଙ୍କ ବ୍ରତ ଭାବେ ଗ୍ରହଣ କରିଥିଲେ। ବୃତ୍ତି ଥିଲା ବ୍ୟବସାୟ କିନ୍ତୁ ପ୍ରବୃତ୍ତି ଥିଲା ସମାଜ ସେବା। ପାର୍ଥିବ ଦୁନିଆରେ ସେ ଛାଡ଼ି ଯାଇଛନ୍ତି ତାଙ୍କ ସହଧର୍ମିଣୀ ବାସନ୍ତୀ ସେଠୀ ଓ ତିନିଭାଇ ଜୟକୃଷ୍ଣ, ହୃଷିକେଶ ଓ ସନାତନ ସେଠୀ ଓ ଜଣେ ଭଉଣୀଙ୍କୁ। ତାଙ୍କର ଦୁଇପୁଅ ରାଜେନ୍ଦ୍ର ଓ ବିଜେନ୍ଦ୍ର ମଧ ପିତାଙ୍କ ସାମାଜିକ ସେବା କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିଛନ୍ତି ଓ ବଡ଼ବୋହୂ ଲକ୍ଷ୍ମୀପ୍ରିୟା ସେଠୀ ମଧ। ପରିବାରର ପୁତୁରା ହିମାଂଶୁ ଶେଖର ସେଠୀ, ବୋହୂ ମୋନାଲିସା, ଗୀତାରଣୀ ଓ ଅନ୍ୟମାନେ ମଧ ନିଜକୁ ସାମିଲ କରିଛନ୍ତି। ତାଙ୍କ ପରଲୋକରେ ପରମହଂସ ସ୍ୱାମୀ ପ୍ରଜ୍ଞାନନନ୍ଦଜୀ ମହାରାଜ, ପଦ୍ମଶ୍ରୀ ଶ୍ରୀମଦ ବଳିଆ, ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ଓ ସତ୍ୟସାଇ ସଙ୍ଗଠନର ପ୍ରମୁଖ କର୍ତ୍ତାମାନେ ଶୋକବ୍ୟକ୍ତ କରିଛନ୍ତି। 'ମାନବ ଜୀବନ ନୁହଁଇ କେବଳ, ବର୍ଷ ମାସ ଦିନ ଦଣ୍ଡ। କର୍ମେ ଜୀଏ ନର କର୍ମ ଏକା ତା'ର, ଜୀବନର ମାନଦଣ୍ଡ।' ଦୁର୍ଲ୍ଲଭ ମଣିଷ ଜୀବନର ସଫଳତା କେବଳ କର୍ମ ଉପରେ ହିଁ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା, ତାହା କେବେ ହେଲେ ଜୀବନର ମୂଲ୍ୟାଙ୍କନର ମାପକାଠି ହୋଇନପାରେ। ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଜୀବନଯାପନ କରିବା ପ୍ରକୃତ ମାନବିକତାର ପରିଚୟ।

ଭଗବାନ ଶ୍ରୀ ସତ୍ୟସାଇ ବାବା ଏକ ସମ୍ଭାଷଣରେ କହିଛନ୍ତି – 'ଜନ୍ମ-ମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।' ଜୀବ ଆସିଥାଏ ଜୀବ ଯିବା ପାଇଁ। ପ୍ରକୃତିର ଏହି ସ୍ୱତଃସିଦ୍ଧ ଶାସ୍ୱତ ତଥା ଅନନୁଲଂଘନୀୟ ନିୟମକୁ ସମସ୍ତଙ୍କୁ ମାନିବାକୁ ପଡ଼ିବ। ଗୀତାରେ ଭଗବାନ କହିଛନ୍ତି 'ସେ କାହାକୁ ପୀଡ଼ା ନ ଦିଏ, ତାକୁ କେହି ପୀଡ଼ା ଦିଏ ନାହିଁ। ଯିଏ ହର୍ଷ ଓ ବିଷାଦଭାବ ଛାଡ଼ି ବିଶ୍ୱକୁ ବ୍ରହ୍ମମୟ ଦେଖେ ତା'ର ମନରେ ଭୟ ନଥାଏ, ସେ ମୋର ପ୍ରିୟ ଅଟେ।' ଜଗତକୁ ଆସିଲେ, ଜଗତ ଛାଡ଼ିବା ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ, ତାର ଫେରିବା ନିଶ୍ଚିତ ହୋଇଥାଏ ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିବା ବେଳେ ବାଟ ହୁଡିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ ଅଥବା ଅସମ୍ଭବ। ଯେ, ପ୍ରକୃତ ମାନବ ସେବା ପାଇଁ ଲୋକବଳ ଆର୍ଥିକ ସ୍ୱଚ୍ଛଳତା ବା ସରକାରୀ ସାହାଯ୍ୟର ଆବଶ୍ୟକ ନାହିଁ। କେବଳ ନିରହଂଭାବ, ଭଗବତପ୍ରେମ ସେବା ମନୋବୃତ୍ତି, ପ୍ରେମ ଭାବ, ପ୍ରଶାନ୍ତି ଭାବ, କ୍ଷମା ଭାବ ଓ ତ୍ୟାଗ ଭାବ ଉପରେ ଆଧାରିତ ବଳିଷ୍ଠ ମନୋବୃତ୍ତି ହିଁ ସମାଜକୁ ବଦଳାଇବାରେ ସହାୟକ ହୋଇପାରିବ। ଭକ୍ତି, ଜ୍ଞାନ ଓ କର୍ମର ଅପୂର୍ବ ସଂଶ୍ଳେଷଣ ଏବଂ ତାଙ୍କର ନିଜସ୍ୱ ସଂପତ୍ତି; ଶକ୍ତି, ସମୟ ଓ ଜ୍ଞାନର ସର୍ବୋତ୍କୃଷ୍ଟ ବିନିଯୋଗ ଫଳରେ ସେ ଯେପରି ଜୀବନର ପ୍ରତ୍ୟେକ ମୁହୂର୍ତ୍ତକୁ ଅତିବାହିତ କରିଛନ୍ତି, ତାହା ଆମ୍ଭମାନଙ୍କୁ ସବୁ ସମୟରେ ପ୍ରେରଣା ଯୋଗାଇବ ଏଥିରେ ସନ୍ଦେହର ଅବକାଶ ନାହିଁ।ରବୀନ୍ଦ୍ରଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିର ସ୍ମୃତିପଟରୁ ସେ କେବେହେଲେ ତିରୋହିତ ହୋଇପାରନ୍ତି ନାହିଁ। ଏହି ଭକ୍ତିସିଦ୍ଧ ଦିବ୍ୟାତ୍ମାଙ୍କ ପ୍ରତି ଆମ ଅନ୍ତରର ପ୍ରଦେଶର ଭକ୍ତି ଅର୍ଘ୍ୟ ଅର୍ପଣ କରୁଛି। ପରମାଶାସ୍ତ୍ର ଭାଗବତର ଏକ ଅମୂଲ୍ୟ ପଂକ୍ତିରେ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣପୂର୍ବକ ଉଲ୍ଲେଖ କରୁଛି ସେହି ଭାଗବତର ବାଣୀଟିକୁ – 'ମନୁଷ୍ୟ ଜୀବନେ ଏ ଲାଭ, ଯଦି ଗୋବିନ୍ଦେ କରେ ଭାବ'।


ଭଦ୍ରକ, ଦୂରଭାଷ : ୭୯୭୮୩୬୨୮୫୬


# ଫଇସଲା ଅପେକ୍ଷାରେ ୧୬ଲକ୍ଷ ମାମଲା


॥ ସୌର ଚନ୍ଦ୍ର ମହାପାତ୍ର ॥


ଓଡ଼ିଶାର ବିଭିନ୍ନ ଆଇନ ଅଦାଲତ ଗୁଡ଼ିକରେ ପାଖାପାଖି ୧୩ ଲକ୍ଷ ଫୌଜଦାରୀ ମାମଲା ସମେତ ପ୍ରାୟ ୧୬ ଲକ୍ଷ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଗୋଟିଏ ପଟେ ମାମଲା ସଂଖ୍ୟା ବଢ଼ି ଚାଲୁଥିବା ବେଳେ ଅନ୍ୟ ପଟେ ସରକାର ନୂଆ ଅଦାଲତ ପ୍ରତିଷ୍ଠା କରୁଥିଲେ ମଧ ପରିସ୍ଥିତିରେ ଆଶାନୁରୂପ ସୁଧାର ଆସୁନାହିଁ। ଯେଉଁ ହାରରେ ମାମଲା ସଂଖ୍ୟା ବଢୁଛି ଓ ଫଇସଲା ହେଉଛି ତାହା ଅବ୍ୟାହତ ରହିଲେ ଏବେ ବିଚାରାଧୀନ ଥିବା ସମସ୍ତ ମାମଲା ଫଇସଲା ହେବାକୁ ଅତିକମରେ ୩୦ରୁ ୪୦ ବର୍ଷ ସମୟ ଲାଗିଯିବ ବୋଲି ଅଭିଜ୍ଞ ଆଇନଜୀବୀମାନେ ମତବ୍ୟକ୍ତ କରୁଛନ୍ତି। ଉଦବେଗର କଥା ହେଉଛି ଯେ ଆଜିର ଦିନରେ ବି ଆଇନ ଅଦାଲତଗୁଡ଼ିକରେ ୩୦ ବର୍ଷରୁ ପୁରୁଣା ହଜାର ହଜାର ମାମଲା ବିଚାରା ପ୍ରତୀକ୍ଷାରେ ରହିଛି।

ଓଡ଼ିଶା ହାଇକୋର୍ଟରେ ପ୍ରାୟ ଏକ ତୃତୀୟାଂଶ ବିଚାରପତି ପଦବୀ ଖାଲି ପଡ଼ିଥିବା ବେଳେ ଯେତିକି ମାମଲା ରହିଛି ସେଗୁଡ଼ିକର ସୀମିତ ସମୟ ମଧ୍ୟରେ ଫଇସଲା କରିବା ପାଇଁ ଅନୁନ୍ୟ ୪୫ ଜଣ ବିଚାରପତିଙ୍କ ଆବଶ୍ୟକତା ରହିଥିବା ଆଇନଜ୍ଞମାନେ କହୁଛନ୍ତି। ପୂର୍ବରୁ ଓଡ଼ିଶା ହାଇକୋର୍ଟ ଲାଗି ୨୭ଟି ମଞ୍ଜୁରୀପ୍ରାପ୍ତ ବିଚାରପତି ପଦବୀ ଥିବାବେଳେ ପରେ ଆଉ ଛଅଟି ନୂଆ ପଦବୀ ସୃଷ୍ଟି କରାଯାଇ ଏହି ସଂଖ୍ୟା ୩୩କୁ ବୃଦ୍ଧି କରାଯାଇଥିବା ବେଳେ ଏବେ ଏଠାରେ ୨୨ଜଣ ବିଚାରପତି କାର୍ଯ୍ୟରତ ଥିବା ସୂଚନା ବିଧାନସଭାରେ ଦେଇଛନ୍ତି ଆଇନମନ୍ତ୍ରୀ ଜଗନ୍ନାଥ ସାରକା। ତାଙ୍କ ତଥ୍ୟ ମୁତାବକ ଓଡ଼ିଶା ହାଇକୋର୍ଟରେ ମୋଟ ୧ ଲକ୍ଷ ୯୦ ହଜାରରୁ ଅଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି। ଉଲ୍ଲେଖନୀୟ ଯେ ପ୍ରବଳ ମାମଲା ବୋଝକୁ ହାଲୁକା କରିବା ପାଇଁ ହାଇକୋର୍ଟର ବିଚାରପତିମାନେ ନିରନ୍ତର ପ୍ରଚେଷ୍ଟା ଜାରି ରଖିବା ସଙ୍ଗେ ସଙ୍ଗେ ଲୋକ ଅଦାଲତ ମାଧମରେ ବି ଅନେକ ମାମଲାର ସମାଧାନ କରୁଛନ୍ତି।

ତେବେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣରେ ପ୍ରାୟ ୭୦ ହଜାର ମୂଳ, ବିବିଧ ଓ ଅଦାଲତ ଅବମାନନା ମାମଲା ବିଚାର ପ୍ରତୀକ୍ଷାରେ ଥିବାବେଳେ ଏଗୁଡ଼ିକର ତ୍ୱରିତ ଫଇସଲା ଉପରେ ଗୁରୁତ୍ୱ ନ ଦେଇ ରାଜ ସରକାରଙ୍କ ସୁପାରିସ କ୍ରମେ କେନ୍ଦ୍ର ସରକାର ସାଟ ଉଚ୍ଛେଦ କରିବାରୁ ଏହି ମାମଲା ଗୁଡ଼ିକର ଚାପ ହାଇକୋର୍ଟଙ୍କ ଉପରକୁ ଆସିଛି। ସାଟରେ ୬ଜଣ ବିଚାରପତିଙ୍କ ଦ୍ୱାରା ଭୁବନେଶ୍ୱର, କଟକ, ସମ୍ବଲପୁର ଓ ବ୍ରହ୍ମପୁରରେ ଚାକିରି, ପେନସନ ଆଦି ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଶୁଣାଣି ହେଉଥିଲା।

ଏବେ ହାଇକୋର୍ଟରେ ଏକାଧିକ ବେଞ୍ଚରେ ଏହି କିସମର ମାମଲା ସବୁ ତାଲିକାଭୁକ୍ତ ହେଉଥିଲେ ମଧ ସଂପୃକ୍ତ ବିଚାରପତିମାନଙ୍କୁ ଆଉ ଅନେକ କିଷମର ମାମଲା ଶୁଣିବାକୁ ପଡୁଛି। ହାଇକୋର୍ଟରେ ଅନୂନ ୮ଟି ସ୍ୱତନ୍ତ୍ର ସର୍ଭିସ ଓ ପେନସନ ସଂକ୍ରାନ୍ତୀୟ ମାମଲା ଗୁଡ଼ିକର ଫଇସଲା ସୀମିତ ସମୟ ମଧ୍ୟରେ ହୋଇପାରିବ। ଯଦି ଏହା କରାଯାଇପାରୁ ନାହିଁ, ତେବେ କେନ୍ଦ୍ରୀୟ ପ୍ରଶାସନିକ ନାୟାଧିକରଣ ଢ଼ାଞ୍ଚାରେ ପୁଣି ସାଟକୁ କାର୍ଯ୍ୟକ୍ଷମ କରିବା ଲାଗି ଆଇନଜୀବୀ ମହଲରୁ ମତ ପ୍ରକାଶ ପାଇଛି। ହାଇକୋର୍ଟରେ ବିଚାର ପ୍ରତୀକ୍ଷାରେ ଥିବା ମାମଲାଗୁଡ଼ିକ ମଧ୍ୟରୁ ପାଖାପାଖି ୫୦ ହଜାର ଫୌଜଦାରୀ ମାମଲା। ହାଇକୋର୍ଟରେ ବିଚାରାଧୀନ ଥିବା ମାମଲା ଗୁଡ଼ିକ ମଧ୍ୟରୁ ୪୪ ହଜାରରୁ ଅଧିକ ୫ରୁ ୧୦ ବର୍ଷ ଧରି ରହିଥିବାବେଳେ ୨୭ ହଜାରରୁ ଅଧିକ ମାମଲା ୧୦ରୁ ୨୦ ବର୍ଷ ଧରି ଗଡୁଛି। ଏମିତିକି ଏଠାରେ ପାଖାପାଖି ୫ ହଜାର ମାମଲା ୨୦ରୁ ୩୦ ବର୍ଷ ଧରି ବିଚାର ପ୍ରତୀକ୍ଷାରେ ଥିବାବେଳେ ୯୪୦ଟି ମାମଲା ୩୦ରୁ ବର୍ଷରୁ ଅଧିକ ସମୟ ଧରି ଗଡୁଥିବା ଜାତୀୟ ଜୁଡ଼ିସିଆଲ ଡାଟା ଗ୍ରୀଡ଼ର ତଥ୍ୟ କହୁଛି।

ରାଜ୍ୟର ଆଇନ ଅଦାଲତଗୁଡ଼ିକରେ ୧୨ଲକ୍ଷରୁ ଅଧିକ ଫୌଜଦାରୀ ମାମଲା ବିଚାରା ପ୍ରତୀକ୍ଷାରେ ଥିବାବେଳେ କେବଳ ଦୁର୍ନୀତି ନିବାରଣ ମାମଲାରେ ଦଣ୍ଡବିଧାନ ହାର ପ୍ରାୟ ୫୦ ପ୍ରତିଶତ ରହୁଛି ଏବଂ ଅନ୍ୟ ମାମଲାଗୁଡ଼ିକରେ ଦଣ୍ଡବିଧାନ ହାର ୨ରୁ ୩୦ ପ୍ରତିଶତ ମଧ୍ୟରେ ସୀମିତ ଥିବାରୁ ସଂଖ୍ୟାଧିକ ଅପରାଧିକ ମାମଲାରେ ଅଭିଯୁକ୍ତମାନେ ନିର୍ଦ୍ଦୋଷରେ ଖସି ଯାଉଛନ୍ତି। ଦିନକୁ ଦିନ ନୂଆ ମାମଲା ଦରଜ ହେଉଥିବାବେଳେ ସେ ତୁଳନାରେ ଫଇସଲା ହେବାରେ ବିଳମ୍ବ ହେଉଛି ଯାହାଦ୍ୱାରା ନ୍ୟାୟ ପ୍ରକ୍ରିୟା ମଧ ଏକ ପ୍ରକାର ଧିମେଇ ଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ବିଚାରପତିଙ୍କ ଅଭାବ, ନ୍ୟାୟାଭିତ୍ତିଭୂମିର ଅଭାବ ଓ ଅନେକ କ୍ଷେତ୍ରରେ ପୋଲିସ ପ୍ରଶାସନ ସଠିକ ସମୟରେ କୋର୍ଟରେ ସଠିକ ତଥ୍ୟ ଉପସ୍ଥାପନ କରିବାରେ ବିଳମ୍ବ ମଧ ହେଉଛି ତେଣୁ ଏ ସବୁର ତ୍ୱରିତ ସମାଧାନ ହେଲେ ମାମଲାର ଫଇସଲା ତୁରନ୍ତ ହେବ।


ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬'
ସତ୍ୟାଳୟ' ପ୍ଲଟ ନଂ – ୧୦୮୭/ଡ଼ି, ସେକ୍ଟର-୬, କଟକ

## ଠକେଇ ମାମଲାରେ ଅଭିଯୁକ୍ତକୁ ୩ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟକ୍ଲାସ କଗ ଟେକିଙ୍ଗ ଏକ ଠକାମି ମାମଲାର ବିଚାର କରି ସଦର ଥାନା ଅନ୍ତର୍ଗତ କୁମୁଣ୍ଡି ତଳଜାଗର ଗ୍ରାମର ଅଭିଯୁକ୍ତ ଦେବାନନ୍ଦ ମହାନ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ହଜାର ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ୧ ବର୍ଷ ଅଧିକ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣାରୁ ପ୍ରକାଶ ଯେ, ଅଭିଯୁକ୍ତ ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖଜୁରିପଶି ଗ୍ରାମର ହୃଦାନନ୍ଦ ମହାନ୍ତଙ୍କ ବାପା ଦିନବନ୍ଧୁ ମହାନ୍ତ ଙ୍କ ସହ ପାରିବାରିକ ବନ୍ଧୁତା ସ୍ଥାପନ କରି ତାଙ୍କ ମନରେ ବିଶ୍ୱାସ ଜନ୍ମାଇ ହୃଦାନନ୍ଦ ମହାନ୍ତେ ଓ ତାଙ୍କ ପିଉସି ଯଶୋଦା ମହାନ୍ତଙ୍କୁ ହାଇସ୍କୁଲ ଶିକ୍ଷକ କରାଇ ଦେବା କହି ତାଙ୍କଠାରୁ ମୋଟ ୧୩ଲକ୍ଷ ଟଙ୍କା ଚେକ ଆକାରରେ ଠକି ନେଇଥିଲା ଏବଂ ପରେ ତାଙ୍କୁ ଚାକିରୀ ନଦେବାରୁ ହୃଦାନନ୍ଦ ମହାନ୍ତ ତୁରୁମୁଙ୍ଗା ଥାନାରେ ଏକ ଏତଲା ରୁଜୁ କରିଥିଲେ । ଏତଲାକୁ ଭି□ କରି ତୁରୁମୁଙ୍ଗା ପୋଲିସ ଥାନା କେଶ ନଂ ୨୪୬/ ୨୪/୮/୨୦୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଦଫା ୪୧୯/ ୪୨୦ ଆଇପିସି ରେ କୋର୍ଟ ଚାଲାଣ କରିଥିଲେ । ଆଜି ମାନ୍ୟବର ବିଚାରପତି ଅମ୍ବିକେଶ ପାଣିଗ୍ରାହୀ ୯ ଜଣ ସାକ୍ଷ୍ୟଙ୍କ ବୟାନକୁ ଭି□ କରି ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି । ସରକାରଙ୍କ ତରଫରୁ ଏପିପି ଚିରନ୍ତନ ଦାସ ମକଦ୍ଦମା ପରିଚାଳନା କରୁଥିଲେ ।

## ୬୪ ବର୍ଷ ରେ ପଦାର୍ପଣ କରିଛି ଯୋଡ଼ା ଲକ୍ଷ୍ମୀ ପୂଜା

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଯୋଡା ଠାରେ ରେ ହେଉଥିବା ମହାଲକ୍ଷ୍ମୀ ପୁଜା ୬୪ ବର୍ଷ ରେ ପଦାର୍ପଣ କରିଛି । ମହାଲକ୍ଷ୍ମୀ ଙ୍କ ପୂଜା ।ସମଗ୍ର ଉ□ର ଓଡ଼ିଶାରେ ଯୋଡା ଲକ୍ଷ୍ମୀ ପୂଜା ମହ□ ଅନେକାଂଶରେ ଅଧିକ ।ଅତୀତରେ ଯୋଡା ଲକ୍ଷ୍ମୀ ପୂଜା ପଡ଼ିଆରେ ସୁ ସଜ୍ଜିତ ତ୍ୱରଣ ଏବଂ ମା ଙ୍କ ମୃଣ୍ମୟୀ ମୂ□ ପୂଜା ହୋଇ ଆସୁଥିଲା । ୨୦୧୬ ମସିହାରେ ଏକ ଭବ୍ୟ ମନ୍ଦିର ଯୋଡା ବାସୀ ଙ୍କ ଦ୍ୱାରା ନିର୍ମାଣ କରାଯାଇ ସେଠାରେ ମହାଲକ୍ଷ୍ମୀ ଙ୍କୁ ପ୍ରତିଷ୍ଠା କରାଯାଇ ଥିଲା ।ଚଳିତ ବର୍ଷ ମଧ ପାଗ ଅନୁକୂଳ ଥିବାରୁ ଲକ୍ଷ୍ମୀ ପୂଜା ମେଳା ବେଶ୍ ଧୁମ୍ ଧାମ ରେ ଆଗେଇ ଚାଲିଛି ।ପ୍ରତି ବର୍ଷ ପରି ଯୋଡା, ବଡ଼ବିଲ, ଭଦ୍ରାସାହି, ବିଲେଇ ପଦା, ଯୁରୁଡି, ଜଜାଙ୍ଗ, ବମେ ବାରି, ରୀମୂଳି, ଚମ୍ପୁଆ ସମେତ ପଡୋଶୀ ଝାଡ଼ଖଣ୍ଡ ରାଜ୍ୟ ରୁ ମଧ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦେଖଣାହାରୀ ଛୁଟି ଆସୁଛନ୍ତି । ମୀନା ବଜାର ରେ ଥିବା ଘର ଉପକରଣ,ରୋଷେଇ ସାମଗ୍ରୀ,ମହିଳା ମାନଙ୍କ ମନୋହରି ଦୋକାନରେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି ।ଏଥି ସହିତ ଠୁଙ୍କା ପୁରୀ, ଚାଟ,ଭେଲ ପୁରୀ, ଆଇସକ୍ରିମ ଦୋକାନରେ ଭିଡ ଜମୁଛି ।ସୁଦୂର ବାଲେଶ୍ୱର ଜିଲ୍ଲା ରୁ ଆସିଥିବା ଦମ୍ପତି ବିନୋଦିନୀ ସ୍ୱାଇଁ,ଦିଲ୍ଲୀପ କୁମାର ସ୍ୱାଇଁ ଓ ଝାଡ଼ଖଣ୍ଡ ରୁ ଆସିଥିବା ମୁକୁନ୍ଦ ପ୍ରସାଦ କହିଥିଲେ ଯେ,ଯୋଡା ର ମେଳା ଅନନ୍ୟ ଏବଂ ଶୃଙ୍ଖଳିତ ।ଏଠାରେ ମିଳୁଥିବା କିଛି ଜିନିଷ କିଣିବା ସହିତ ମନ୍ଦିର ରେ ମହାଲକ୍ଷ୍ମୀ ଙ୍କ ଦର୍ଶନ କରିଥିଲେ ।ସେମାନେ କହିଥିଲେ ଯେ,ଆମିଷ ଦୋକାନ ଗୁଡ଼ିକୁ ଟିକେ ଦୂରରେ କରାଗଲେ ନିରାମିଷ ।ସି ଏବଂ ମନ୍ଦିର ଶ୍ରଦ୍ଧାଳୁ ଙ୍କ ପାଇଁ ଭଲ ହୁଅନ୍ତା ।ତେଣେ ଖାଦ୍ୟ ସାମଗ୍ରୀ ଉପରେ ସ୍ଥାନୀୟ ପ୍ରଶାସନ ର ଯା* ନିହାତି ଆବଶ୍ୟକ ।ସୁଗ୍ରୀବ ମହାକୁଡ, ସ୍ୱର୍ଣ୍ଣ ଲକ୍ଷ୍ମୀ ମହାପାତ୍ର ପ୍ରମୁଖ କହିଛନ୍ତି ଯେ, ବାସି ଏବଂ ଅପମିଶ୍ରଣ ଖାଦ୍ୟ ଅନେକ ଦୋକାନରେ ପରଷି ଦିଆ ଯାଇଛି ।ଏଣୁ ପୌର ପାଳିକା ପକ୍ଷରୁ ଦୃଷ୍ଟି ଦିଆ ଯିବା ଉଚିତ ।ପ୍ରତିଦିନ ପ୍ରାୟ ତିନି ହଜାର ଲୋକ ମେଳା କୁ ଆସୁଥିବାରୁ ଏମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ଯୋଡା ପୋଲିସ ପକ୍ଷରୁ ୨ପ୍ଲାଟୁନ ପୋଲିସ ଫୋର୍ସ,ଅଫିସର ଓ କର୍ମଚାରୀ ନିୟୋଜିତ ହୋଇଥିବା ଏବଂ ସି ସି ଟିଭି ଲଗାଯାଇଥିବା ଯୋଡା ଆଇ ଆଇ ସି ପ୍ରଶାନ୍ତ କୁମାର ସାମଲ ସୂଚନା ଦେଇଛନ୍ତି ।ପ୍ରତିଦିନ ମା



ଙ୍କ ପାଖରେ ବହୁ ଶ୍ରଦ୍ଧାଳୁ ଅନ୍ନ ଭୋଗ ଅର୍ପଣ କରି ସ୍ଥାନୀୟ ଲୋକଙ୍କୁ ପ୍ରସାଦ ।ମନ୍ଦିର କର୍ମ କ□। ପୁରୁଷ□ମ ଦାସ ସୂଚନା ଦେଇଛନ୍ତି ।ସେହିପରି ପୂଜା କମିଟି ସଭାପତି ଦୁଃଶାସନ ସାହୁ,ଉପ ସଭାପତି ନୀଳମଣି ମହାନ୍ତି,କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ସାହୁ,ସମ୍ପାଦକ ରବି ନାରାୟଣ ଦାସ,ସହ ସମ୍ପାଦକ ହୃଷୀକେଶ ଜେନା,କୋଷାଧକ୍ଷ ଭୋଳାନାଥ ସାହୁ ପ୍ରମୁଖ ଖବର ଦାତା ଙ୍କୁ ଜଣାଇଛନ୍ତି ଯେ,ଭାଇଚାରା ର ସହର ଯୋଡ଼ାରେ ସର୍ବ ଧର୍ମ ନିର୍ବିଶେଷରେ ଶୃଙ୍ଖଳିତ ଭାବେ ପୂଜା ଓ ମେଳା ଅନୁଷ୍ଠିତ ହେଉଛି ।କୋଣାର୍କ ଗଣ ନାଟ୍ୟ ଚଳିତ ବର୍ଷ ର ଆକର୍ଷଣିଓ ନାଟକ କରୁଛି ।ସେହିପରି ଅନେକ ଉଠା ଦୋକାନୀ ସେମାନଙ୍କ ମତାମତ ରେ କହିଛନ୍ତି ଯେ,ଚଳିତ ବର୍ଷ ବ୍ୟବସାୟ ଠିକ୍ ଅଛି , ।ମନ୍ଦିର ର ମୁଖ୍ୟ ପୂଜକ ରବୀନ୍ଦ୍ର ନାଥ ପାଢ଼ୀ କହିଛନ୍ତି ଯେ,ମା ଙ୍କ ସମସ୍ତ ରୀତିନୀତି ଅନୁଯାୟୀ, ପୂଜା ଅର୍ଚ୍ଚନା ଚାଲିଛି । ଏ ସଂକ୍ରାନ୍ତରେ ସୂଚନା ପାଇ ଯୋଡା ପୌର ପାଳିକା ସ୍ୱାସ୍ଥ୍ୟ ବିଭାଗ ର ଅଧିକାରୀ ମୋହନ ଚରଣ ବାରିକ କହିଛନ୍ତି ଯେ,ଖୁବ୍ ଶୀଘ୍ର ଏ ନେଇ କାର୍ଯ୍ୟାନୁଷ୍ଠାନ ପୌର ପାଳିକା ପକ୍ଷରୁ କରାଯିବ ।କମିଟି ପକ୍ଷରୁ ମଧ ପୁରୁଷୋ□ମ ଦାସ ଡ଼ାକବାଜି ଯନ୍ତ୍ର ଦ୍ୱାରା ବାସି ଏବଂ ଦୂଷିତ ଖାଦ୍ୟ ବିକ୍ରି ନ କରିବା ପାଇଁ ଘୋଷଣା କରାଯାଇଥିବା ସୂଚନା ଦେଇଛନ୍ତି ।

## ପାଟଣା ରେଞ୍ଜରେ ହାତୀପଲଙ୍କ ଗୁଣ୍ଡାରାଜ



କେନ୍ଦୁଝର, (ମହାଭାରତ):କେନ୍ଦୁଝର ବନଖଣ୍ଡର ପାଟଣା ରେଞ୍ଜ ରେ ଗଜରାଜଙ୍କ ଗୁଣ୍ଡାରାଜ । ଏକ ୩୪ ଟିକିଆ ବଣୁଆ ହାତୀ ପଲ ବିଳମ୍ବିତ ରାତିରେ ପାଟଣା ରେଞ୍ଜର କେନ୍ଦୁଆପଡା , ବାଲିବନ୍ଧ , ଝାଲିଆପଡା ଏବଂ ଟାଙ୍ଗରପଡା ଆଦି ଗ୍ରାମ ରେ ଆତଙ୍କ ଖେଳାଇ ଥିବା ବେଳେ ଏକ ଗୋଠଛଡ଼ା ଦନ୍ତା ୪ ଟି ଘର ଭାଙ୍ଗିଦେଇଛି । କେନ୍ଦୁଆପଡା ଗ୍ରାମର କଂସ ନାଏକ ଓ ତାଙ୍କର ନାତି ଘର ଭିତରେ ଶୋଇଥିବା ସମୟରେ ହାତୀ ଆକ୍ରମଣ ରୁ ଅଳ୍ପକେ ବ□ିଯାଇଛନ୍ତି । ଏବେ ହାତୀ ପଲ ଭିମାପଡା ଶିବମନ୍ଦିର ନିକଟରେ ଡେରା ପକାଇଛନ୍ତି । ବନ ବିଭାଗ ହାତୀପଲ ଙ୍କ ଗତିବିଧି ଉପରେ କଡା ନଜର ରଖିଛି।

## ସମାଜ ପାଇଁ ପ୍ରେରଣା ସାଜିଛି ମହିଳା ଅନୁଷ୍ଠାନ

ଅସ୍ତରଙ୍ଗ, (ମହାଭାରତ) : ସମାଜ ପାଇଁ ଅନେକ ଅନୁଷ୍ଠାନ ଓ ସ୍ୱେଚ୍ଛାସେବୀ ବାହିନୀ ବିଭିନ୍ନ ପ୍ରକାର ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ସାଜିଛି ଯାହାକୁ ଆମେ ଦୈନିକ ବିଭିନ୍ନ ସାମାଜିକ ଗଣମାଧମ ରେ ଦେଖୁଛୁ କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବସ୍ତଡିଅ ଗ୍ରାମ ର ଶାନ୍ତି ସ୍ୱଚ୍ଛ ଭାରତ ମିଶନ ମହିଳା କ୍ଲବ ଏବେ ବିଭିନ୍ନ ସାମାଜିକ କଲ୍ୟାଣ କାର୍ଯ୍ୟକ୍ରମ କରି ବେଶ ଚର୍ଚ୍ଚା ରେ ଅଛନ୍ତି, ଏହି ଅନୁଷ୍ଠାନ ଦୀର୍ଘ ୩ ବର୍ଷ ଧରି ଗ୍ରାମ ର କାର୍ଯ୍ୟରତ ମହିଳା ମାନଙ୍କୁ ସଜେଇଛି ଜଣେ ଜଣେ ମହିଳା ସମାଜ ସେବିକା, ଏମାନେ ନିଜ ନିଜ କାମ ସାରି ବାକି ସମୟ ସଦା ସର୍ବଦା ସମାଜ ପାଇଁ କରି ଆସୁଛନ୍ତି ଅନେକ ଜନହିତକାରି କାର୍ଯ୍ୟ, ନିଜ ନିଜ ଭିତରେ ଅର୍ଥ ଆଦାୟ କରି କ୍ୟାନ୍ସର ରୋଗୀ ମାନଙ୍କୁ ଖାଦ୍ୟ ପେୟ ଯୋଗାଇ ବା ସହିତ ବୁଲା ଗୋରୁ ଗାଈ ଙ୍କ ଆହତ ଅବସ୍ଥା ର ପହ* ତାଙ୍କୁ ଚିକିତ୍ସା ଯୋଗାଇ ଆସୁଛନ୍ତି, ସେହିପରି ଅ*ଳ ରେ ବିଭିନ୍ନ ଯାନୀଯାତ୍ରା ରେ ଲୋକ ମାନଙ୍କୁ ପାନୀୟ ଜଳ ଓ ଅନ୍ନ ପ୍ରସାଦ ମୁକ୍ତ ରେ ବ[ନ କରିବା ସହ ମୃତ୍ୟୁ ବରଣ କରୁଥିବା ନନ୍ଦୀ ମହାରାଜ ଙ୍କୁ ଉଦ୍ଧାର କରି ତାଙ୍କ ର ଶେଷକୃତ୍ୟ କରୁଛନ୍ତି,ଏଭଳି କି ବୃକ୍ଷ ରୋପଣ, ଅସହାୟ ଙ୍କୁ ବସ୍ତ୍ର ଦାନ, ଗରିବ ଲୋକ ଙ୍କ ଅସ୍ତ୍ରୋପଚାର ପରେ ତାଙ୍କ ର ଔଷଧ ପାଇଁ ଅର୍ଥ, ସ୍ୱଚ୍ଛତା ଅଭିଯାନ, ପରିବେଶ ସୁରକ୍ଷା ସହିତ ଅନେକ ବ୍ୟକ୍ତି ବିଶେଷ ପାଇଁ ବିଭିନ୍ନ କଲ୍ୟାଣ ମୂଳକ କାର୍ଯ୍ୟକ୍ରମ କରି ଏବ ବେଶ ଚର୍ଚ୍ଚା ରେ ଏହି ମହିଳା କ୍ଲବ ।

## ଜିଲ୍ଲା ସ୍ତରୀୟ "ହୋ" ଭାଷା କ୍ରିୟାନୁଷ୍ଠାନ କମିଟି ଗଠନ

ଉଦଳା , (ମହାଭାରତ) : ଅଖିଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ନିର୍ଦ୍ଦେଶ କ୍ରମେ ଅଦ୍ୟ ତା ୧୨/୧୦/୨୦୨୫ ରିଖ ରବିବାର ଦିନ ମୟୂରଭଞ୍ଜ (୧) ବିଦୁବାଗାନ ଆଦିବାସୀ ପଡ଼ିଆରେ ଥିବା ସାଂସ୍କୃତିକ ଭବନରେ ଅଖୁଳ ଭାରତୀୟ "ହୋ" ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ଶାଖା ସଭାପତି ଶ୍ରୀଯୁକ୍ତ ବସନ୍ତ କୁମାର ସିଂ ବଳିଉଲିଙ୍କ ସଭାପତିତ୍ୱରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୟୂରଭଞ୍ଜ ଜିଲ୍ଲାରେ ସଦର ବାରିପଦା ଓ କପ୍ତିପଦା ଉପଖଣ୍ଡରୁ 'ହୋ' ସମାଜର ବିଭିନ୍ନ ସଂଗଠନରୁ ଆସିଥିବା ସଦସ୍ୟଙ୍କ ଉପସ୍ଥିତିରେ ଜିଲ୍ଲା କମିଟି (୧) ଗଠନ କରାଯାଇଛି । ଉକ୍ତ ବୈଠକରେ ଶ୍ରୀ ସୋମନାଥ ବଦ୍ରା ଜିଲ୍ଲା କମିଟିର ସଭାପତି, ଗୋବିନ୍ଦ ପୂର୍ତି ଓ ଫୁଲସନ୍ ପୂର୍ତ୍ତି ଉପସଭାପତି ଏବଂ ବିରେନ୍ଦ୍ର ସିଂ ପୂର୍ତି କାର୍ଯ୍ୟକାରୀ ସଭାପତି ରୂପେ ଚୟନ କରାଯାଇଥିଲା । ଏହି କ୍ରମରେ ତାଙ୍କୁ ସହଯୋଗ କରିବା ପାଇଁ ମାର୍କଣ୍ଡ ହେମ୍ବ୍ରମ ସାଧାରଣ ସମ୍ପାଦକ, ଶ୍ରୀ ବାପି ସିଂ ସୁରିନ୍, ରାଖାଲ ସାଇଁୟା ସହସମ୍ପାଦକ, କଲ୍ଲୋଲ ସିଂ ଗୋଡ଼ସରା ସାଂଗଠନିକ ସମ୍ପାଦକ, ଶାନ୍ତନୁ ତିୟୁ କୋଷାଧକ୍ଷ ଓ ଗୋପାଳ ସମାଡ଼ ସହ କୋଷାଧକ୍ଷ ଭାବେ ଉପସ୍ଥିତ ସଦସ୍ୟଙ୍କ ଦ୍ୱାରା ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି ବୈଠକରେ ଅଖୁଳ ଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟିର ରାଜ୍ୟ ସାଂଗଠନିକ ସମ୍ପାଦକ ଶ୍ରୀଯୁକ୍ତ ରମେଶ କୁମାର ସିଂ ବିରୁଆଙ୍କ ତ□ାବଧାନରେ ଜିଲ୍ଲା କମିଟି ଗଠିତ ହୋଇଯାଇଛି । ଉକ୍ତ ବୈଠକରେ ସିବାହରା ସୁସାର ଆକାଳା, ବାରିପଦା ଶାଖାର ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ହେମ୍ବ୍ରମ (ସମ୍ପାଦକ), ଶ୍ରୀଯୁକ୍ତ ପୂର୍ଣ ଚନ୍ଦ୍ର ସିଂକୁ (ଉପଦେଷ୍ଟା), ଗୋପୀନାଥ ବାନାରା, ରାମଲାଲ ତିୟୁ ଓ ଧନୁରାମ ଦିଗି ପ୍ରମୁଖ ଉପସ୍ଥିତ ରହି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ । ପରିଶେଷରେ ରାଜ୍ୟ ଶାଖା ସଭାପତି ବସନ୍ତ କୁମାର କୁଳିଉଲି 'ହୋ' ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଓ ଓଡ଼ିଶାରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷା ରୂପେ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନକୁ ଆହୁରି ତ୍ରିବତର କରିବା ପାଇଁ ତୃଣମୂଳ ସ୍ତରରେ ଏକଜୁଟ ହୋଇ କାର୍ଯ୍ୟ କରିବା ଏବଂ ଆସନ୍ତା ତା ୩୧/୧୦/୨୦୨୫ ଓ ନଭେମ୍ବର ମାସ ତା ୦୧/୧୧/୨୦୨୫ ରିଖ ୨ ଦିନିଆ ଦିଲ୍ଲୀ ସ୍ଥିତ ଯନ୍ତର ମନ୍ତର ଧାରଣା ସ୍ଥଳ ଠାରେ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆହ୍ୱାନ ଦେଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁଜାଲିରେ ହାଣି ବନ୍ଧୁକ ଲଗାଇ ଲୁଟିନେଲେ

କପ୍ତିପଦା, (ମହାଭାରତ) : ଅଚାନକ ଘରେ ପଶିଲେ, ଭୁଜାଲିରେ ହାଣିଲେ, ବେକରେ ବନ୍ଧୁକ ଲଗାଇ ଲୁଟିନେଲେ। ଆଉ ଲୁଟିବା ପରେ ଘର ଭିତରେ ବନ୍ଦ କରି ଚାଲିଗଲେ ଲୁଟେରା। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ଝିଙ୍କପଦା ଗ୍ରାମରେ। ଗ୍ରାମର କା□କେଶ୍ୱର ସାହୁ ଏବଂ ତାଙ୍କ ସ୍ତ୍ରୀ ଘରେ ରାତିରେ ଏକୁଟିଆ ଥିବା ବେଳେ ହଠାତ ୪ ଜଣ ମୁଖା ପିନ୍ଧା ଦୁର୍ବୃ□ ଭୁଜାଲି ଏବଂ ବନ୍ଧୁକ ଧରି ଘର ଭିତରେ ପଶିଲେ। ଟିଭି ଦେଖୁଥିବା କା□କେଶ୍ୱର ଙ୍କୁ ଭୁଜାଲିରେ ତାଙ୍କ ହାତ ହାଣିବା ସହିତ ବେକରେ ବନ୍ଧୁକ ଲଗାଇଥିଲେ।ଆଉ ଦୁଇ ଦୁର୍ବୃ□ ଘରେ ରୋଷେଇ କରୁଥିବା କା□କେଶ୍ୱର ଙ୍କ ସ୍ତ୍ରୀ ଅର୍ଣ୍ଣପୂର୍ଣ୍ଣାଙ୍କୁ



ରୋଷେଇ ଘର ଭିତରେ ଭୁଜାଲିରେ ଆକ୍ରମଣ କରି ଲହୁଲୁହାଣ କରିବା ସହିତ ଘର ଭିତର ଗଡ଼ରେଜ, ଖଟ ଆଦି ଭାଙ୍ଗିବା ସହିତ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ନଗଦ ୧୫ ହଜାର ଟଙ୍କା ଓ ଅର୍ଣ୍ଣପୂର୍ଣ୍ଣାଙ୍କ ପିନ୍ଧା ସୁନା ଚେନ ମଧ ଲୁଟି ନେଇଥିଲେ। ଲୁଟିବା ପରେ ଉଭୟ ସ୍ୱାମୀ ସ୍ତ୍ରୀ ଙ୍କୁ ଏକ ରୁମ ଭିତରେ ବନ୍ଦ କରି ଲୁଟେରାମାନେ ଚାଲି ଯାଇଥିବା ବେଳେ ୩ ଘ[। ପରେ ଘର ଭିତରୁ ଉଦ୍ଧାର କରିଲେ ପଡୋଶୀ। ଏହା ପରେ ଘଟଣା ବାବଦରେ ସେ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଛି।

## ହେଟା ବାଘ ଆକ୍ରମଣରେ ଦୁଇ ଗୁରୁତର

କେନ୍ଦୁଝର, (ମହାଭାରତ) :କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ ମଇଦାନକେଲ ଅ*ଳରେ ରବିବାର ଏକ ହେଟା ବାଘ ଆକ୍ରମଣରେ ଦୁଇଜଣ ମହିଳା ଶିକାର ହୋଇ ଗୁରୁତର ଅବସ୍ଥାରେ କେନ୍ଦୁଝର ଧରଣୀଧର ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ମିଳିଥିବା ସୂଚନା ଅନୁସାରେ ଗୁରୁତର ମହିଳା ତାଳପଦା ସାହିର ରବୀନ୍ଦ୍ର କୁମାର ନାଏକଙ୍କ ପତ୍ନୀ ରଜ ନାଏକ(୪୫) ନିଜ ଘର ପାଖରେ ଠିଆ ହୋଇଥିବା ବେଳେ ଏକ ବୁଦା ଆଢୁଆଳରେ ଥିବା ଏକ ହେଟା ବାଘ ମହିଳାଙ୍କ ଉପରକୁ ଡେଇଁ ଆକ୍ରମଣ କରିଥିଲା । ସେ ରଜ ଙ୍କ ଓଠକୁ କାମୁଡିବା ସହ ଛାତିକୁ ରାମ୍ପୁଡି ଦେଇଥିଲା। ଏହା ସହିତ ସେ ତାଙ୍କ ପାଦକୁ କାମୁଡି ଗୁରୁତର କରି ଦେଇଛି। ସେହିପରି ଛେମୁଣ୍ଡିବିଲ୍ ଗାଁର ରୁକ୍ମଣୀ ମହାପାତ୍ର (୪୦) ଛେଳି ଚରାଇବାକୁ ନେଇଥିବା ବେଳେ, ତାଙ୍କୁ ପଛପଟୁ ଆକ୍ରମଣ କରିଥିଲା ହେଟା ବାଘ । ଉଭୟ ଗାଁ ନିକଟରେ ଥିବା ଗ୍ରାମ୍ୟ ଜଙ୍ଗଲ ନିକଟରେ ଘର କରି ରହିଥିବା ବେଳେ ଗୁରୁତର ଅବସ୍ଥାରେ ସେମାନଙ୍କୁ ଧରଣୀଧର ମେଡ଼ିକାଲ କଲେଜରେ ଭ□ ହୋଇ ଚିକିତ୍ସିତ ହେଉଥିବା ପରିବାର ଲୋକେ କହିଛନ୍ତି।

## ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଅନାସ୍ଥା ଭୋଟ ସ୍ଥଗିତ



ହିନ୍ଦୋଳ, (ମହାଭାରତ) : ଗତ ମାସ ୨୩ ତାରିଖ ଦିନ ହିନ୍ଦୋଳ ବ୍ଲକ୍‌ଉପାଧ୍ୟକ୍ଷ ବରୁଣ କୁମାର୍ ସରଙ୍କ ନେତୃତ୍ୱରେ ମୋଟ ୭୦ ଜଣଙ୍କ ମଧ୍ୟରୁ ୬୧ ଜଣ ସରପ* ଓ ସମିତିସଭ୍ୟ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକଙ୍କ ବିରୁଦ୍ଧରେ ହିନ୍ଦୋଳ ଉପଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ। ପରେ ଏନେଇ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ଗୋଷ୍ଠି ନିଜ ନିଜର ସମର୍ଥକ ସରପ* ଓ ସମିତିସଭ୍ୟ ମାନଙ୍କୁ ନେଇ ଅଜ୍ଞାତ ବାସରେ ରହିଥିଲେ। ଆସନ୍ତା କାଲି ଦିନ ୧୧ ଟା ସମୟରେ ପ*ାୟତ ସମିତି ସଭାଗୃହ ଠାରେ ଅନାସ୍ଥା ପ୍ରସ୍ତାବ ଭୋଟ ଗ୍ରହଣ କରାଯିବାକୁ ଉପ ଜିଲ୍ଲାପାଳ ତାରିଖ ନିର୍ଘ[ କରିଥିଲେ । ୩୫ ପଂଚାୟତ ର ସରପଂଚ ଓ ସମିତି ସଭ୍ୟ ସର୍ବମୋଟ ୭୦ । ମାତ୍ର ଜଣେ ସଭ୍ୟ ଙ୍କ ମୃତ୍ୟୁ ଯୋଗୁଁ ସଭ୍ୟ ସଂଖ୍ୟା ୬୯ ଏଂ ବିଧାୟିକା ଓ ସାଂସଦ ୨ ମିଶିଲେ ୭୧ ଜଣ ଭୋଟ ଦେବାକୁ ଯୋଗ୍ୟ କ୍ଷ କିନ୍ତୁ ୭୧ ଙ୍କ ଭିତରୁ ୧୧ ଅସୁସ୍ଥ ହୋଇ ଅନୁଗୁଳ ର ଘରୋଇ ନର୍ସିଂ ହୋମ ରେ ଚିକିତ୍ସିତ ହେଉଥିବାରୁ ଅନାସ୍ଥା ଭୋଟ ତାରିଖକୁ ରଦ କଲେ ଉପ ଜିଲାପାଳ । ପୁଣି ନୁଆ ବିଜ୍ଞପ୍ତିରେ ତାରିଖ ଘୋଷଣା କରାଯିବ ବୋଲି ଉପ ଜିଲ୍ଲାପାଳଙ୍କ ଚିଠିରେ ଉଲ୍ଲିଖିତ ଅଛି।

## ଅବ୍ୟବସ୍ଥା ଭିତରେ ସରିଲା ଲକ୍ଷ୍ମୀପୂଜା ଭସାଣି

**ଖଣି ପୋଖରୀରେ ଭାସୁଛି ମାଳ ମାଳ ଆବର୍ଜନା**
**ଚିନ୍ତା ବ୍ୟକ୍ତ କରିଲେ ପରିବେଶବିତ୍**
**ବରିଷ୍ଠ ନାଗରିକ ମ*ର ନିବେଦନକୁ ପ୍ରଶାସନର ଉପହାସ**

ଖୋର୍ଦ୍ଧା, (ମହାଭାରତ): ପାର୍ବଣ କାହା ପାଇଁ ପୁଷମାସ ତ ଆଉ କାହା ପାଇଁ ସର୍ବନାଶ। ଆସିଲେ ବଢୁଛି ଜଳ ପ୍ରଦୂଷଣ । ବ□ମାନ ପୂଜା ପାର୍ବଣରେ ସଂସ୍କୃତି, ପରମ୍ପରାକୁ ସମ୍ମାନ ଦେବା ପରିବ□ ଏବେ ସାଜସଜ୍ଜା ସହିତ ଭସାଣିକୁ ନେଇ ଘମାଘୋଟ ପ୍ରତିଯୋଗିତା ଚାଲିଛି । ଯାହା ଏବେ ପରିବେଶ ପ୍ରଦୂଷଣ ବଢ଼ାଇବାରେ ସହାୟକ ହୋଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ପାର୍ବଣକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ମାତ୍ର ଏହା କେବଳ କାଗଜ ପତ୍ରରେ ରହିଯାଉଛି । ଖୋର୍ଦ୍ଧାରେ ପାଳିତ ଲକ୍ଷ୍ମୀପୂଜା ଭସାଣିରେ ପୌର ପ୍ରଶାସନ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ନିର୍ଦ୍ଦେଶନାମାକୁ ଖୋଲାଖୋଲି ଉଲଂଘନ କରୁଥିବା ଦେଖା ଯାଇଛି। ଯାହା ଗତକାଲିର ଲକ୍ଷ୍ମୀପୂଜା ଭସାଣି ପରବ□ୀ ଖଣି ପୋଖରୀ ଅବସ୍ଥା ବୟାନ କରୁଛି । ପାର୍ବଣ ଋତୁରେ ଆୟୋଜିତ ଭସାଣ ଉତ୍ସବ ସମୟରେ ଜଳାଶୟର ଜଳକୁ ପ୍ରଦୂଷଣରୁ ମୁକ୍ତ ପାଇଁ ପ୍ରଦୁଷଣ ବିଭାଗ ପକ୍ଷରୁ ଅସ୍ଥାୟୀ ପୋଖରୀରେ ମୂ□ୀ ବିସର୍ଜନ କରିବାକୁ ନିର୍ଦ୍ଦେଶ ରହିଛି । ମାତ୍ର ଖୋର୍ଦ୍ଧା ପୌର ପ୍ରଶାସନ ଅସ୍ଥାୟୀ ପୋଖରୀ ଖୋଳିବା ବଦଳରେ ଖଣି ପୋଖରୀକୁ ଅସ୍ଥାୟୀ ଦର୍ଶାଇ



ସେଠାରେ ବିସର୍ଜନ ପାଇଁ ଅନୁମତି ଦେଇଥିଲା। ଯାହାକୁ ନେଇ ଅ*ଳର ଅନେକ ପରିବେଶବିତ୍ ଚିନ୍ତାବ୍ୟକ୍ତ କରିଛନ୍ତି ।

ପ୍ରକାଶଥାଉକି, ପାର୍ବଣ ସମୟରେ ଦେବାଦେବୀଙ୍କର ମୂର୍ତି ରାସାୟନିକ ରଙ୍ଗରେ ପ୍ରସ୍ତୁତ ହେଉଛି । ଏଥିରେ କାଠି, କୁଟା ଏବଂ ଅନ୍ୟାନ୍ନ ରାସାୟିନିକ ଦ୍ରବ୍ୟ ବ୍ୟବହାର ହେଉଥିବାବେଳେ ମୂର୍ତି ଗୁଡ଼ିକ ମନଇଚ୍ଛା ବିଭିନ୍ନ ଗାଡିଆ ଓ ପୋଖରୀ ରେ ବିସର୍ଜନ କରିବା ଦ୍ୱାରା ଜଳ ଦୂଷିତ ହୋଇ ପରିବେଶକୁ ପ୍ରଦୁଷିତ କରୁଛି । ଫଳରେ ବିଭିନ୍ନ ପ୍ରକାର ଫୁସଫୁସ ଜନିତ ସଂକ୍ରାମକ ରୋଗ ଏବଂ ଚର୍ମ ରୋଗ ରେ ଜନସାଧାରଣ, ଛୋଟ ଛୋଟ କୋମଳମତି ଶିଶୁ ଆକ୍ରାନ୍ତ ହେଉଛନ୍ତି । ମାତ୍ରାଧିକ ଜଳପ୍ରଦୁଷଣ ରୋକିବାକୁ ମାନ୍ୟବର ହାଇକୋର୍ଟ ଆ*ଳିକ ପ୍ରଦୁଷଣ ବୋର୍ଡକୁ ପଦକ୍ଷେପ ନେବାକୁ ଆଦେଶ ଦେଇଥିବା ବେଳେ ଆ*ଳିକ ପ୍ରଦୂଷଣ ବିଭାଗ ପକ୍ଷରୁ ପ୍ରତ୍ୟେକ ପୌର ପରିଷଦକୁ ମୂର୍ତି ବିସର୍ଜନ ନିମନ୍ତେ ଏକ ଅସ୍ଥାୟୀ ପୋଖରୀ ନିର୍ମାଣ କରିବା ସହିତ ମୂ□ ବିର୍ସଜନ ପରେ ସେଥିରେ ପଡ଼ିଥିବା କୁଟା,କାଠ, ମୂ□ ଅବଶେଷ ଏବଂ ପୂଜା ସାମଗ୍ରୀକୁ ଅସ୍ଥାୟୀ ପୋଖରୀରୁ ବାହାର କରି ଡମ୍ପିଓ୍ୱାର୍ଡ଼ରେ ଫୋପାଡିବାକୁ ନିର୍ଦ୍ଦେଶ ରହିଥିଲା । ଖୋର୍ଦ୍ଧାରେ ମଧ ତତ୍କାଳିନ ପୌର ଅଧିକାରିଣୀ ଡି ଶ୍ୱେତପଦ୍ମା ଶତପଥୀଙ୍କ ସମୟରେ ୨୦୧୯ମସିହାରୁ ଏହି ନିର୍ଦ୍ଦେଶନାମା ଖୋର୍ଦ୍ଧା ପୌରା*ଳରେ ଲାଗୁ କରାଯାଇଥିଲା । କିନ୍ତୁ ଚଳିତବର୍ଷ ହାଇକୋର୍ଟଙ୍କ ଏ ଆଦେଶକୁ ପୌରପରିଷଦ ଠିକ୍ ଭାବେ ପାଳନ କରିନଥିବା ଦେଖିବାକୁ ମିଳିଥିଲା। ଅସ୍ଥାୟୀ ପୋଖରୀ ପ୍ରସ୍ତୁତ କରିବା ପରିବ□ ଖଣି ପୋଖରୀ ହୁଡ଼ାରେ ବାଉଁଶ ବ୍ୟାରିକେଡ୍ କରି କାମ ସାରି ଦେଇଥିଲା । ଫଳରେ ବିଶାଳକାୟ ମୂ□ ଗୁଡ଼ିକ ସିଧାସଳଖ ଖଣି ପୋଖରୀ ପାଣିରେ ପଡିବା ଦ୍ୱାରା ତାହା ବ□ମାନ ଏକ ରକମ ନର୍କକୁଣ୍ଡରେ ପରିଣତ ହୋଇଛି । ଜଳ ପ୍ରଦୂଷଣକୁ ରୋକିବାରେ ଖୋର୍ଦ୍ଧା ପୌର ପରିଷଦର ଏତାଦୃଶ କାର୍ଯ୍ୟ ଧର୍ମକୁ ଆଖି ଠାରୁ ସଦୃଶ ହୋଇଛି । ଜଳ ପ୍ରଦୂଷଣ ହେବା ଦ୍ୱାରା ବିସର୍ଜନ ସ୍ଥାନକୁ ଲାଗି ରହିଥିବା ଜନବସତି, ବିଦ୍ୟାଳୟ, ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ପରିବା ମାର୍କେଟ ରେ ଚଳ ପ୍ରଚଳ କରୁଥିବା ପିଲା ଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବିଭିନ୍ନ ସଂକ୍ରାମକ ରୋଗ ରେ ପିଡ଼ିତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ଅ*ଳର ପରିବେଶବିତ୍ ଚିନ୍ତା ବ୍ୟକ୍ତ କରିଛନ୍ତି।

## ଦଶପଲ୍ଲାରେ ମାଓବାଦୀ ନାଁରେ ଲୁଟ୍ ଟଙ୍କା ଓ ସୁନା

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ବ୍ଲକ ନଛିପୁର ଗ୍ରାମରେ ଗତରାତିରେ ୫ ଜଣ ଦୃର୍ବୁ□ ମାଓବାଦୀ ନାଁ ନେଇ ବିଜୟ କୁମାର ଗୋଛାୟତ ଙ୍କ ଘରକୁ ଅକସ୍ମାତ ଆକ୍ରମଣ କରିଥିଲେ। ବେକରେ କଟୁରୀ ଲଗାଇ ଘରର ଲୋକମାନଙ୍କୁ ଭୟଭୀତ କରି ସେମାନେ ନଗଦ ଟଙ୍କା ଓ ସୁନା ଲୁଟି ନେଇଥିବା ଅଭିଯୋଗ ମିଳିଛି। ଏହି ଲୁଟ୍ ହୋଇଥିବା ସମ୍ପ□ର ମୂଲ୍ୟ ଆନୁମାନିକ ୬/୭ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଘଟଣା ପରେ ଦଶପଲ୍ଲା ଥାନା ପୋଲିସ ତୁରନ୍ତ ପହଁ* ତଦନ୍ତ ଆରମ୍ଭ କରିଛି। ସାଇ[ଫିକ ଟିମ ଓ ସନ୍ଧାନୀ କୁକୁର ଦ୍ୱାରା ଘଟଣାସ୍ଥଳର ଛାନବିନ ଚାଲିଛି। ମାଓବାଦୀ ନାଁ ନେଇ ଲୁଟ୍ କରାଯିଥିବାରୁ ପୋଲିସ ଏହାକୁ ଗଭୀର ଭାବରେ ଗ୍ରହଣ କରି ତଦନ୍ତ ତିବ୍ର କରିଛି। ସ୍ଥାନୀୟ ଲୋକମାନେ ଏହି ଘଟଣାରେ ଚିନ୍ତା ଓ ଭୟ ବ୍ୟକ୍ତ କରିଛନ୍ତି, ଏବଂ ଶୀଘ୍ର ଦୃଷ୍ଟିଦାୟକ କାର୍ଯ୍ୟନୁଷ୍ଠାନ ନେବାକୁ ପୋଲିସ ପାଖରେ ଦାବି କରିଛନ୍ତି।

## ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ପରଜଙ୍ଗ, (ମହାଭାରତ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ପଂ*ାୟତ ସମିତି କାର୍ଯ୍ୟାଳୟ ଠାରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ ଶିବିର ପରଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ହୋଇଥିଲା।ଏଠାରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଓ ବ୍ଲକ ପ୍ରଶାସନଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରେ ସମୁଦାୟ ୮୭ ଟି ଅଭିଯୋଗ ଆସିଥିବା ବେଳେ ବ୍ୟକ୍ତିଗତ ୫୦ ରୁ ଅଧିକ ଅଭିଯୋଗ ରହିଥିଲା। ଉକ୍ତ ଶିବିରରେ ବାର୍ଦ୍ଧକ୍ୟ ଭ□ା , ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତୋଦୟ ଯୋଜନା ସମ୍ବନ୍ଧୀୟ ଅଭିଯୋଗ ଅଧିକ ଆସିଥିବା ଜଣାପଡିଥିଲା।ଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅଭିନବ ସୋନକର, ଉପ ଜିଲ୍ଲାପାଳ ଦିନମଣି ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ଅନୁସୂଚିତ ଜନଜାତି ଜାତି ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ଅଧିକାରୀ, ଜିଲ୍ଲା ବିଦ୍ୟାଳୟ ଓ ଗଣଶିକ୍ଷା ଅଧିକାରିଣୀ ପ୍ରିୟଦର୍ଶିନୀ ନାୟକ, ଉପଖଣ୍ଡ ପୂ□ ବିଭାଗ ଅଧିକାରୀ ବିଜୟ କୁମାର ସେଠି, ଗ୍ରାମ୍ୟ ଉନ୍ନୟନ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା,ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା,ଅତିରିକ୍ତ ତହସିଲଦାର ମନୋରଂଜନ ସାହୁ,ପରଜଙ୍ଗ ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ସ୍ମୃତି ରଞ୍ଜନ ବିଶ୍ୱାଳ ଓ ବ୍ଲକ ସମସ୍ତ ଅଧିକାରୀ ଉପସ୍ଥିତରେ ଜନସାଧାରଣ ଙ୍କ ଆପ□ ଶୁଣାଣି କରିଥିଲେ।

## କୋସଲି ବାଲ୍ମୀକି ଇନ୍ଦ୍ରମଣୀ ସାହୁ ଜୟନ୍ତୀ ପାଳନ ସହ ପ୍ରତିମୂ□ୀ ଉନ୍ମୋଚନ

ପାଟଣାଗଡ, (ମହାଭାରତ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ଗ୍ରାମ ପଂ*ାୟତ ର ଜୟ ମାଁ ପାଟଣେଶ୍ୱରୀ ମହା ବିଦ୍ୟାଳୟ ଚଙ୍ଗରିଆ ଠାରେ କୋଶଲି ବାଲ୍ମୀକି ଇନ୍ଦ୍ରମଣି ସାହୁ ଜୟନ୍ତୀ ସାହିତ୍ୟ ଅନୁଷ୍ଠାନ କୋସଲି ଡେରା ତରଫରୁ ପାଳିତ ହୋଇ ଯାଇଛି । ସମ୍ପାଦକ ଲାଲଚନ ବଗ□ୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ପ୍ରଥମ ଅଧିବେଶନ ରେ ଶ୍ରୀଯୁକ୍ତ ପ୍ରମୋଦ ମିଶ୍ର, ଗୋରେଖନାଥ ସାହୁ,ସଲେଗ୍ରାମ୍ ହୋତା,ନରେନ୍ଦ୍ର ହୋତା, ସୁଶିଲ କୁମାର ରଣା ,ଭକ୍ତବନ୍ଧୁ ବିଶ୍ୱାଳ, ସୁବାସ ଚନ୍ଦ୍ର ଆଚାର୍ଯ୍ୟ, ବୈଦ୍ୟନାଥ ମିଶ୍ର ମଂ*ାସୀନ ହୋଇ ଇନ୍ଦ୍ରମଣି ସାହୁଙ୍କ ସ୍ମୃତି ଚାରଣ କରିଥିଲେ ଓ କବିଙ୍କ ଅପ୍ରକାଶିତ ରାମାୟଣ ର ପ୍ରକାଶ କରିବାକୁ ଗୁରୁତ୍ୱ ଆରୋପ କରିଥିଲେ । କବିଙ୍କୁ ମରାନୋ□ର ପଦ୍ମଶ୍ରୀ ପ୍ରଦାନ ପାଇଁ ବକ୍ତାମାନେ ଦାବୀ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଦିଲୀପ କୁମାର ପସାୟତ ଙ୍କୁ କୋଶଳୀ ବାଲ୍ମୀକି ଇନ୍ଦ୍ରମଣି ସାହୁ ସୁରତା ସମ୍ମାନ ଓ ସୂର୍ଯ୍ୟକାନ୍ତ ରାଉତ ଙ୍କୁ ବୈଦ୍ୟରତ୍ନ ସମ୍ମାନ ରେ ସମ୍ମାନିତ କରା ଯାଇଥିଲା । ଏହା ସହ ଅନେକ କବି ଲେଖକ ତଥା ସଂଗ୍ରାମୀ ମା ଉପଢୌକନ ଦେଇ ସମ୍ମାନିତ କରା ଯାଇଥିଲା । ଦ୍ୱିତୀୟ ଅଧିବେଶନରେ କବିତା ପାଠ କାର୍ଯ୍ୟକ୍ରମକୁ ସନ୍ତୋଷ କୁମାର ଦାସ ଓ ସବିତା ମହରା ସଂଯୋଜନା କରିଥିଲେ । କବି ଟିକେଲାଲ ବେହେରା, କପିଳେଶ୍ୱର ଖମାରୀ,ହରିଲାଲ୍ ସାହୁ, ରାମ ପ୍ରସାଦ ବାଗ , ନିରଞ୍ଜନ ପଣ୍ଡା,ରାଜେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ସାହୁ , ସହଦେବ ମେହେର ତଥା ଅନ୍ୟ କବିମାନେ କବିତା ଶୁଣାଇ ଥିଲେ। ବିଦ୍ୟାଳୟ ରେ ଏ ଅବସରରେ କବି ଇନ୍ଦ୍ରମଣି ସାହୁ, ଗଙ୍ଗାଧର ମେହେର, ବୀର ସୁରେନ୍ଦ୍ର ସାଏ ଙ୍କ ପ୍ରତିମୂ□ ସ୍ଥାପନ କରା ଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନା ଶାନ୍ତନୁ ବୁଢ଼ିଆ, ଖିରୋଦ୍ର କୁମାର ସାହୁ, ସାବିତ୍ରୀ ସାହୁ, ତପସ୍ୱିନୀ ପଶାୟତ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ




ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଗୁରାଣ୍ଡି ଗ୍ରାମ ପଂ*ାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁନୀଲ କାନ୍ତ ମହାନ୍ତି,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା ଏହି ମିଳିତ ଜନ ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ଗୁରାଣ୍ଡି ଗ୍ରାମ ପଂ*ାୟତ ସମେତ ବଡ଼ଗୋସାଣୀ, ତାଟିପେଟି ଓ ଭୁସୁକୁଡି ଗ୍ରାମ ପଂ*ାୟତର ସମୁଦାୟ ମୋଟ- ୧୦୮ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା - ୬୪ ଗୋଟି ,ଗ୍ରାମ ଭି□ିକ ସମସ୍ୟା- ୪୪ ଗୋଟି ଅଭିଯୋଗ ଆସିଥିଲା ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେଥିମଧ୍ୟରୁ ବସୁନ୍ଧରା ଜମି ପଟ୍ଟା ୧୨ ଜଣଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା,ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସମୟରେ ଗୋସାଣୀ ପଂ*ାୟତ ସମିତି ଅଧ୍ୟକ୍ଷ ଶ୍ରୀଯୁକ୍ତ ଏନ.ବୀରାରାଜୁ,ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୌର ଚନ୍ଦ୍ର ପଟ୍ଟାୟକ,ତହସିଲଦାର ଶ୍ରୀ ନାରାୟଣ ବେହେରା,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ ଓ ସ୍ଥାନୀୟ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀ ରେ ଉପସ୍ଥିତ ଥିଲେ।

## ପାରାଦୀପ କଲେଜରେ ସିଏଚଏସସି ଜୋନାଲ୍ ଇ[ର କଲେଜ ଭଲିବଲ୍ ଟୁର୍ଣ୍ଣାମେ[ର ଉଦଘାଟିତ

ପାରାଦୀପ, (ମହାଭାରତ) : ପାରାଦୀପ ମହାବିଦ୍ୟାଳୟ ଖେଳ ପଡିଆରେ ସିଏଚଏସସି ଜୋନାଲ୍ ସ୍ତରୀୟ ଆନ୍ତଃ କଲେଜ ଭଲିବଲ୍ ଟୁର୍ଣ୍ଣାମେ[ର ରବିବାର ଦିନ ଉଦଘାଟିତ ହୋଇଯାଇଛି । ଏହିଅବସରରେ ପାରାଦୀପ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ.ସସ୍ମିତା ସତପଥୀ ଓ ବରିଷ୍ଠ ଭଲିବଲ୍ ପ୍ରଶିକ୍ଷକ ସଞ୍ଜୟ ଦାସ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେ[ କୁ ଉଦଘାଟନ କରିଥିଲେ । ପାରାଦୀପ କଲେଜ ପାଇଁ ଏହା ଏକ ଐତିହାସିକ ଓ ଗର୍ବର ମୁହୂ□, କାରଣ କଲେଜ ସ୍ଥାପନାର ୫୦ ବର୍ଷ ପରେ ପ୍ରଥମ ଥର ପାଇଁ ନିଜସ୍ୱ ଖେଳ ପଡିଆରେ ଏହି ଖେଳ ଆୟୋଜନ କରାଯାଇଛି । ଉଦଘାଟନୀ ମ୍ୟାଚ ପାରାଦୀପ କଲେଜ ଓ ବିଜୁପ୍ତା କଲେଜ ଇନ୍ଦୁପୁର ମଧ୍ୟରେ ହୋଇଥିଲା । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟାପକ ଲେଫଟେନା[ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର, ଗଣେଶ୍ୱର ପାତ୍ର, ପି.ଟି. ଭଗବତ ଓ ଏନ.ସି.ସି ଆଲୁମ୍ନି ଆସୋସିଏସନ ସଭାପତି ଅମ୍ବିକା ପ୍ରସାଦ ମହାପାତ୍ର ଉପସ୍ଥିତ ଥିଲେ ।

# କଲ୍ୟାଣସିଂହପୁର ବ୍ଲକ ସଦର ମହକୁମା ଠାରେ ଯୁଗ୍ମ ଅଭିଯୋଗ ଶୁଣାଣି




ରାୟଗଡ / କଲ୍ୟାଣସିଂହପୁର, (ମହାଭାରତ) : ରାୟଗଡ ଜିଲ୍ଲା ପ୍ରଶାସନ ତରଫରୁ କଲ୍ୟାଣସିଂପୁର ବ୍ଲକ ସଦର ମହକୁମାସ୍ଥିତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସଦଭାବନା ସଭାଗୃହ ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୁଣାଣି ଶିବିରରେ ଆରକ୍ଷୀ ଅଧିକାରୀ ସ୍ୱାତୀ ଏସ କୁମାର, ସିଡ଼ିଓ ଅକ୍ଷୟ କୁମାର ଖେମୁଣ୍ଡୁ,ଉପ ଜିଲ୍ଲାପାଳ ରାୟଗଡ ଶ୍ରୀ ରମେଶ କୁମାର ଜେନା, ପ୍ରକଳ୍ପ ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ, ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ୍ ସରୋଜିନୀ ଦେବୀ, ସମିତି ଅଧ୍ୟକ୍ଷା ଶ୍ରୀମତୀ ଅମ୍ରିତା କାଦ୍ରାକା ଉପସ୍ଥିତ ରହି ଜନସାଧାରଣଙ୍କୁ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ଆଜି ମୋଟ୭୫ଟି ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିଥିଲେ । ସେଥି ମଧ୍ୟରୁ ୬୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୮ଗୋଟି ଗ୍ରାମ ବାସୀ ମାନଙ୍କର ସାମୂହିକ ଅଭିଯୋଗ ଥିଲା। ଏହି ଶିବିରରେ ବିଭିନ୍ନ ସମସ୍ୟା ମାନ ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସ୍ୱାସ୍ଥ୍ୟଗତ ସମସ୍ୟା ନିମନ୍ତେ ୪ଜଣକୁ ୬୦ହଜାର ଟଙ୍କା ରେଡ କ୍ରସ ପାଣ୍ଠିରୁଜିଲ୍ଲାପାଳ ପ୍ରଦାନ କରିଥିଲେ କ୍ଷ ଜିଲ୍ଲାପାଳ ଆଜିର ଅଭିଯୋଗ ପାଇବା ପରେ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ଫଇସଲା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଆଜିର ଏହି ଅଭିଯୋଗ ଶିବିରରେ ତହସିଲଦାର, କଲ୍ୟାଣ ସିଂହପୁର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୋଗ ଶୁଣାଣି ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ମନୀଷା ଦାସ,ସହକାରୀ ଜିଲ୍ଲାପାଳ (ଗ୍ରୀଭାନ୍ସ) ସସ୍ମିତା ପଟ୍ଟନାୟକ ପରିଚାଳନା କରିଥିଲେ ।

## ଫଳକ ଉଦଘାଟନ ପରେ ଉଦଘାଟନ ବୁଦ୍ଧିଜୀବୀଙ୍କ ମହଲରେ ନିନ୍ଦା

ନୂଆଗାଁ (ମହାଭାରତ) : ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଜୋରଧରିଲା ଫଳକ ରାଜନୀତି। ବିଜେଡ଼ି ଓ ବିଜେପି ମଧ୍ୟରେ ଲାଗିଛି ଘମାଘଟ ଲଢେଇ।ଏଭଳି ଲଢେଇ ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ। ସୂଚନା ଅନୁଯାୟୀ ପୂର୍ବ ସରକାର ସମୟରେ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ପାଇଁ ବିଧାୟକ ପାଣ୍ଠିରୁ ୫୦ ଲକ୍ଷ ଟଙ୍କା ଉର୍ଦ୍ଧ୍ୱରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅତ୍ୟାଧୁନିକ ପାଠାଗାର ନିର୍ମାଣ କରାଯାଇଥିଲା। ପାଠାଗାର ଉଦଘାଟନ କରିବା ନିମନ୍ତେ ବିଧିବଦ୍ଧ ଭାବେ ନିମନ୍ତ୍ରଣ ପତ୍ର ବ[ନ ପ୍ରକ୍ରିୟା ସରିଥିଲା।ନିମନ୍ତ୍ରଣ ପତ୍ରରେ ଓଡ଼ିଶା ସରକାର ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଙ୍କ ନାଁ ରହିଥିବା ବେଳେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଙ୍କ ନାଁ ନଥିଲା। ସ୍ଥାନୀୟ ବିଧାୟକ ଙ୍କ ପ୍ରତି ଦିନକୁ ଦିନ ଲୋକ ପ୍ରିୟତା ବଢିବା ଦେଖି କିଭଳି ତାଙ୍କ ପ୍ରତି ଲୋକପ୍ରିୟତା କମିବ ସେନେଇ ଅଣଦେଖା କରାଯାଇଥିଲା।ନିମନ୍ତ୍ରଣ ପତ୍ରରେ ବିଧାୟକ ଙ୍କ ନାଁ ନଥିବାରୁ ସମଗ୍ର ଅଂ*ଳରେ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲା।ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀଙ୍କ ମହଲରେ ଘୋର ନିନ୍ଦା କରାଯାଇଥିଲା। ୧୧ ତାରିଖରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ କନ୍ଧମାଳ ସାଂସଦ ଆସି ଉଦଘାଟନ କରିବା ପାଇଁ ସ୍ଥିର ହୋଇଥିଲା।ଏହି ଖବର ଶୁଣିବା ପରେ ମନ୍ତ୍ରୀ ଓ ସାଂସଦ ଆସିବା ପୂର୍ବରୁ ତା ୧୦ ରିଖ ଶୁକ୍ରବାର ବିଧାୟକ ସହ ଜନପ୍ରତିନିଧି ସମେତ ଅଂ*ଳବାସୀଙ୍କ ଉପସ୍ଥିତିରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନୂତନ ପାଠାଗାରକୁ ଫିତା କାଟି ବିଧାୟକ ରମେଶ ଚନ୍ଦ୍ର ବେହେରା ଉଦଘାଟନ କରିଥିବା ଦେଖିବାକୁ ମିଳିଥିଲା।ଯାହାକୁ ନେଇ ସରକାର ଦଳକୁ ସିଧାସଳଖ ଟାର୍ଗେଟ କରିଥିଲେ।ଏହି ସମ୍ପର୍କରେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କୁ ପଚାରି ଥିବାରୁ ସେ କହିଥିଲେ କିଏ ଆସି ଉଦଘାଟନ କରିଛନ୍ତି ଏହି ବିଷୟରେ ମୁଁ ଅବଗତ ନୁହେଁ କିନ୍ତୁ ଶନିବାର ଦିନ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଏବଂ ସାଂସଦ ଆସି ଉଦଘାଟନ କରିବେ ବୋଲି ପ୍ରତିକ୍ରିୟା ରଖିଥିଲେ। କିନ୍ତୁ ନିମନ୍ତ୍ରଣ ପତ୍ରରେ ବିଧାୟକଙ୍କ ନାଁ ରହିନଥିବା ଓ ଉଦଘାଟନୀ ଉତ୍ସବରେ ଡକା ଯାଇନଥିବା ପ୍ରଶ୍ନ କରିଥିବାରୁ ମୁଁ ନିମିତ ମାତ୍ର ଏହା ସରକାରଙ୍କ କାର୍ଯ୍ୟକ୍ରମ ମୋ ଉପରେ ଉପଜିଲ୍ଲାପାଳ କହି କଲେଜ ଅଧ୍ୟକ୍ଷ ଏକଥାକୁ ଏଡାଇ ଦେଇଥିଲେ।କଲେଜ ଅଧ୍ୟକ୍ଷ ଜାଣିଶୁଣି ବିଧାୟକଙ୍କୁ ଅଣଦେଖା କରିଥିବା ଏକଥା ଆମେ କହୁନାହୁଁ ଲୋକଙ୍କ ଠାରୁ ଶୁଣିବାକୁ ମିଳିଥିଲା। ବିଧାୟକ ଉଦଘାଟନ କରିଥିବା ଫଳକକୁ ବିଜେପିର କିଛି କର୍ମୀ ରାତିରେ ଭାଙ୍ଗି ଦେଇଥିବା ଶୁଣିବାକୁ ମିଳିଥିଲା।ବିଧାୟକ ଉଦଘାଟନ କରିଥିବା ନୂତନ ପାଠାଗାରକୁ ତା ୧୧ ରିଖ ଶନିବାର ଓଡ଼ିଶା ସରକାର ତଥା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ପୁନଶ୍ଚ ଦ୍ୱିତୀୟ ଥର ପାଠାଗାରକୁ ଉଦଘାଟନ କରିଥିଲେ। ଗୋଟିଏ ପାଠାଗାରକୁ ଉଦଘାଟନ ପରେ ଉଦଘାଟନ ଯାହାକୁ ନେଇ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଫଳକ ରାଜନୀତି ହଟଚମଟ ସୃଷ୍ଟି କରିଛି।ଏହାପରେ କଲେଜ ଅଧ୍ୟକ୍ଷ ବିଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଏକ ସଭା କାର୍ଯ୍ୟ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାର ତଥା ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟ ବକ୍ତା କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ସମ୍ମାନିତ ଅତିଥି ନୟାଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଞ୍ଜନ ପାଣ୍ଡେ, ନୂଆଗାଁ ବିଡ଼ିଓ ଅମୃତ କୁମାର ରାଉଳ, ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ ପ୍ରମୁଖ ମଂ*ାସିନ ଥିଲେ। ଅତିଥି ମାନଙ୍କ ଉଦ୍ଦେଶ୍ୟରେ ଛାତ୍ରୀ ମାନେ ସ୍ୱାଗତ ସଂଗୀତ ଗାନ କରିଥିଲେ। କଲେଜ ରାଜନୀତି ବିଜ୍ଞାନ ଅଧ୍ୟାପକ ସତ୍ୟସ୍ୱାଗତ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ।ନୂତନ ଭାବେ ଖୋଲିଥିବା +୨ ବିଜ୍ଞାନ ଶୁଭ ଉଦଘାଟନ ଓ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ଛାତ୍ରଛାତ୍ରୀ ଙ୍କୁ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଫଳକ ଭଙ୍ଗାକୁ ନେଇ ଉଭୟ ଦଳ ପକ୍ଷରୁ ନୂଆଗାଁ ଥାନାରେ ଏକ ଅଭିଯୋଗ ହୋଇଛି।ନୂଆଗାଁରେ ଫଳକ ରାଜନୀତି କେଉଁ ମୋଡ଼ ନେଉଛି ତାହା ଆଗାମୀ ଦିନରେ ଦେଖିବାକୁ ବାକି ରହିଲା।

# ଇଫକୋ ଡିଏଭି ସ୍କୁଲ ପକ୍ଷରୁ 'ରନ ଫର ଡିଏଭି କାର୍ଯ୍ୟକ୍ରମ




ପାରାଦୀପ, (ମହାଭାରତ) : ପ୍ରତିବର୍ଷ ଅକ୍ଟୋବର ମାସ ୧୨ ତାରିଖରେ ଭାରତରେ ଥିବା ସମସ୍ତ ଡିଏଭି ବିଦ୍ୟାଳୟ ମାନଙ୍କରେ 'ରନ ଫର ଡିଏଭି' ଉତ୍ସବ ପାଳିତ ହୋଇଥାଏ କ୍ଷ ସେହିପରି ଏହି କାର୍ଯ୍ୟକ୍ରମଟି ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଏଭି ଓ ସିଏମସି ବିଦ୍ୟାଳୟ ମାନଙ୍କରେ ପାଳିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଇଫକୋ ସ୍ଥିତ ଡିଏଭି ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି ସମୂହ ଗଣଦୌଡ଼ରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉତ୍ସାହ ସହ ଅଂଶଗ୍ରହଣ କରିଥିଲେ । ଏଥିରେ ବାଳିକା ବର୍ଗରେ ତେଜଶ୍ରୀ ପରିଜା ପ୍ରଥମ, ପାୟଲ ପ୍ରିୟା ସାହୁ ଦ୍ୱିତୀୟ ଏବଂ ପ୍ରୀତି ପ୍ରିୟା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ବାଳକ ବିଭାଗରେ ଅଲିଶାନ ଅଲି ପ୍ରଥମ, ଅଭିଜ୍ଞକ୍ଷନ ନାୟକ ଦ୍ୱିତୀୟ ଏବଂ ସ୍ୱୟଂ ପ୍ରକାଶ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ସମ୍ବିତ ସୁକୁମାର ଚିନାରା ସମସ୍ତ ବିଜେତାଙ୍କୁ ପଦକ ଦେଇ ଶୁଭେଚ୍ଛା ଜଣାଇଥିଲେ ଓ ଭବିଷ୍ୟତରେ ଏହିପରି ବିଦ୍ୟାଳୟ ତଥା ଦେଶ ପାଇଁ କ୍ରୀଡା ଓ ପାଠରେ କୃତି ଅର୍ଜନ କରିବାପାଇଁ ଆଶୀର୍ବାଦ କରିଥିଲେ କ୍ଷ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରି ସଫଳ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ସୌର ମୋହନ ସାମଲଙ୍କ ପରିଚାଳନା କରିଥିଲେ ।

# ପିଇବା ପାଣି ପାଇଁ ଗ୍ରାମବାସୀ ଭୋଗୁଛନ୍ତି ଦୁର୍ଦଶା ନାଳରୁ ପିଉଛନ୍ତି ଦୂଷିତ ପାଣି



କରଞ୍ଜିଆ, (ମହାଭାରତ): ପାନୀୟ ଜଳ ଟପାଏ ପାଇଁ ଲୋକେ ହେଉଛନ୍ତି ଉହଲ ବିକଳ। ଶୁଦ୍ଧ ଜଳ ନ ପାଇ ନାଳରୁ ବ୍ୟବହାର କରୁଛନ୍ତି ପିଇବା ପାଣି ।ଖରାଦିନରେ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଏପରି ସମସ୍ୟା ଦେଖାଦେଇଥିବା ଗ୍ରାମ ହେଉଛି ଠାକୁରମୁଣ୍ଡା ବ୍ଲକ ହାତୀଗଡା ଗ୍ରାମପଂ*ାୟତ ଅନ୍ତର୍ଗତ ଅସନକୁଦର ପୁରୁଣା ଖଡିଆ ବସ୍ତି ରେ ।

ପ୍ରକାଶ ଯେ,ଅସନକୁଦର ଗ୍ରାମର ଖଡିଆ ବସ୍ତିରେ ୧୫/୨୦ ଟି ପରିବାର ବସବାସ କରନ୍ତି। ସାହିରେ ଗୋଟିଏ ହେଲେବି ନଳକୂପ ନାହିଁ ସରକାରଙ୍କ ତରଫରୁ ୮ ବର୍ଷ ପୂର୍ବରୁ ପାଇପ ବିଛା ଯାଇଥିଲେ ମଧ୍ୟ ପାଣି ଆସୁନାହିଁ। ଗ୍ରାମବାସୀ ପ୍ରକାଶ କରିଛନ୍ତି ନାଳରୁ ପାଣି ନେଇ ବ୍ୟବହାର କରୁଛନ୍ତି। ଖରା ଦିନରେ ନାଳ ଶୁଖି ଗଲେ ପାହାଡ଼ରେ ଥିବା ଏକ ଝରଣାରୁ ପାଣି ଆଣି ବ୍ୟବହାର କରିଥାନ୍ତି ବୋଲି ଗ୍ରାମବାସୀ ମାନେ କହିଛନ୍ତି। ସାହିର ପାଣି ସମସ୍ୟା ସମ୍ପର୍କରେ ଗ୍ରାମପଂ*ାୟତ ଓ ବ୍ଲକରେ ଜଣାଉଥିଲେ ମଧ୍ୟ ତାଙ୍କ ସମସ୍ୟା ର ସମାଧାନ ହେଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ସାହିର ଏହି ସମସ୍ୟା ର ସମାଧାନ ନିମନ୍ତେ ଗ୍ରାମୀଣ ଜଳ ଯୋଗାଣ ଯୋଜନା ରେ ସଠିକ ସ୍ଥାନ ରେ ଏକ ନଳକୂପ କଲେ ପାନୀୟ ଜଳ ମିଳିପାରନ୍ତ ବୋଲି ଗ୍ରାମବାସୀ ମାନେ ଦାବୀ କରିଛନ୍ତି। ସେହି ଗ୍ରାମରେ ଗୋଟିଏ ଅଙ୍ଗନବାଡି କେନ୍ଦ୍ର ମଧ୍ୟ ରହିଛି ଯେଉଁଥିରେ କି ୧୨ ଜଣ ପିଲା ପଢନ୍ତି । ଅଙ୍ଗନୱାଡ଼ି କେନ୍ଦ୍ର ଟି ୨୦୧୮ ମସିହାରେ ଆରମ୍ଭ ହୋଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ନଳକୂପ ବସିନାହିଁ । ଅଙ୍ଗନୱାଡ଼ି ରେ ପାଣି ଟାଙ୍କି ଲାଗିଛି ଷ୍ଟାଣ୍ଡ ପୋଷ୍ଟ ଲାଗିଛି ହେଲେ ପାଣି ବାହାରୁ ନାହିଁ। ଅଙ୍ଗନୱାଡ଼ି କର୍ମୀ ଦିଦି ମଧ୍ୟ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ଦେଇଛି , ସମିତି ସଭ୍ୟ ପ୍ରତାପ ନାଏକ ପ୍ରକାଶ କରିଛନ୍ତି ଯେ ମୁଁ ବାରମ୍ବାର ପଂ*ାୟତ ସମିତି ବୈଠକ ରେ କଥା ଉପସ୍ଥାପନା କରିବା ସହ ବିଭାଗୀୟ ଜେଇ ଙ୍କ ମଧ୍ୟ ଜଣାଇଛି ପ୍ରକାଶ କରିଥିଲେ। ଆମେ ବହୁବାର ପ୍ରଶାସନକୁ ଜଣାଇଛୁ ହେଲେ ପ୍ରଶାସନ ଏହାରି ଉପରେ ପଦକ୍ଷେପ ନେଉନାହିଁ । ବାଧ୍ୟ ହୋଇ ଆମେ ପିଲାଙ୍କୁ ପିଇବା ଓ ଧାଇବା ପାଇଁ ନାଳ ପାଣି ବ୍ୟବହାର କରୁଛୁ । ତେବେ କେବେ ଏ ଆଦିବାସୀ ଖଡିଆ ସାହିକୁ କେବେ ସ୍ୱଚ୍ଛ ପାନୀୟ ଜଳ ମିଳୁଛି ଦେଖିବାକୁ ବାକି ରହିଲା ।

# ପ୍ରଧାନମନ୍ତ୍ରୀ ଆବାସ ଲକ୍ଷ୍ୟ ଧାର୍ଯ୍ୟ ପାଇଁ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ତତ୍ପର



କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ ) ଲକ୍ଷ୍ୟ ହାସଲରେ ପଛରେ ପଡିଯାଇଥିବା ବେଳେ ବ୍ଲକ ପ୍ରଶାସନ ପକ୍ଷରୁ ଏବେ ତତ୍ପରତା ଦେଖିବାକୁ ମିଳିଛି । ନୂତନ ଘର ଶତକଡା ୫୮.୬୫% ମଧ୍ୟ ସମ୍ପୂର୍ଣ୍ଣ ହୋଇଥିଲା ବେଳେ ଆହୁରି ୪୨% ଘର ଅଧିକ ଘର ହୋଇପାରିନି ।ଏଭଳି ସ୍ଥିତି ବଜାୟ ରହିଲେ ଆଗକୁ ସେହି ପରିବାର ର ଅନ୍ୟ ସଦସ୍ୟ ଙ୍କୁ ଆଉ ଘର ମିଳିବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ଏକ ଅନୁଧାନରୁ ଜଣାପଡିଛି ଯେ, ୨୦୨୧-୨୨ ଏବଂ ୨୦୨୨-୨୩ ରେ ଠାକୁରମୁଣ୍ଡା ବ୍ଲକରେ ୬୬୬୧ ଗୃହ ଆବ[ନ ହୋଇଥିଲା ବେଳେ ସେଥିରୁ ୩୯୦୭ ଘର ସମ୍ପୂର୍ଣ୍ଣ ହୋଇଛି। ଏଥିରୁ ୨୭୫୪ ଘର ଛାତ ପର୍ଯ୍ୟନ୍ତ ହୋଇ ପଡି ରହିଛି । ୧୮ ଟି ଯାକ ଗ୍ରାମପଂ*ାୟତରେ ପୁରୁଣା ୨୦୧୬ - ୧୭ ୯୦୩ ଘର ହୋଇ ନଥିଲା ବେଳେ ୧୨୦୦ ରୁ ଉର୍ଦ୍ଧ୍ୱ ଘର ଛାତ ପଡ଼ିନାହିଁ କ୍ଷ ଇତି ମଧ୍ୟରେ ୩ ବର୍ଷ ଅତିକ୍ରାନ୍ତ ହୋଇଛି । ସବୁ ଜିନିଷର ଦରଦାମ ବଢିଯାଇଛି । ଏଭଳି ସ୍ଥିତିରେ ଅଧା ପଡ଼ିଥିବା ଏବଂ ଆଦୌ ଆରମ୍ଭ ହୋଇନଥିବା ଘର ସମ୍ପୂର୍ଣ୍ଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେବେ ବିଡିଓ ସ୍ୱପ୍ନେଶ୍ୱର ବେହେରା ପ୍ରତ୍ୟେକ ଗାଁ କୁ ଯାଇ ଆବାସ ହିତାଧିକାରୀ ଙ୍କୁ ଘର ସମ୍ପୂର୍ଣ୍ଣ କରିବା ପାଇଁ ପରାମର୍ଶ ଦେଇଛନ୍ତି , ନ ହେଲେ ଆଗାମୀ ଦିନରେ ରାସନ ମଧ୍ୟ ବନ୍ଦ ହୋଇପାରେ ବୋଲି କହିଛନ୍ତି । ଜଉ ଗାଁ ରେ ଘର ଅସମ୍ପୂର୍ଣ୍ଣ ରହିଛି ବା ଯାହାର ଘର ସମ୍ପୂର୍ଣ୍ଣ ହୋଇ ନାହିଁ ସେହି ପରିବାର ର ଅନ୍ୟ ସଦସ୍ୟ ଙ୍କୁ ଘର ମିଳିବ ନାହିଁ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା।

# ସବୁ ଜୀବିତ ପଣବନ୍ଦୀ ମୁକ୍ତ




ନୂଆଦିଲ୍ଲୀ : ଇସ୍ରାଏଲ ଏବଂ ହମାସ ମଧ୍ୟରେ ହୋଇଥିବା ନୂଆ ଗାଜା ଯୁଦ୍ଧବିରତି ଚୁକ୍ତିର ଏକ ଅଂଶବିଶେଷ ଭାବେ ହମାସ୍ ଆଜି ୨୦ ଜଣ ପଣବନ୍ଦୀଙ୍କୁ ରେଡକ୍ରସ୍‌କୁ ହସ୍ତାନ୍ତର କରିଛି । ପଣବନ୍ଦୀମାନଙ୍କୁ ୨ଟି ପର୍ଯ୍ୟାୟରେ ମୁକ୍ତ କରାଯାଇଛି । ପ୍ରଥମ ପର୍ଯ୍ୟାୟରେ ସକାଳେ ୭ ପଣବନ୍ଦୀ ମୁକ୍ତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୧୩ ଜଣ ମୁକ୍ତ ହୋଇଛନ୍ତି । ଯୁଦ୍ଧର ୨ ବର୍ଷ ପରେ ସେମାନେ ଜୀବନ ନେଇ ଘରକୁ ଫେରିଛନ୍ତି । ସମସ୍ତ ୨୦ ଜଣ ପଣବନ୍ଦୀଙ୍କୁ ଆଇଡିଏଫ୍ (ଇସ୍ରାଏଲ ପ୍ରତିରକ୍ଷା ବାହିନୀ) ସୁରକ୍ଷିତ ଗ୍ରହଣ କରିଥିବା ନେଇ ଘୋଷଣା କରିବାପରେ ଇସ୍ରାଏଲରେ ଖୁସିର ଲହରି ଖେଳି ଯାଇଛି । ଇସ୍ରାଏଲ ନାଗରିକଙ୍କ ଆଖିରୁ ଆଜି ଧାରଧାର ଖୁସିର ଲୁହ ଝରିଛି । ମୁକ୍ତ ହୋଇଥିବା ପଣବନ୍ଦୀ ଇସ୍ରାଏଲ ହାତରେ ସୁରକ୍ଷିତ ଅଛନ୍ତି ବୋଲି ସ୍ପଷ୍ଟ ହେବାପରେ ହଜାର ହଜାର ନାଗରିକ ଆଜି ତେଲ୍ ଅଭିଭର ହଷ୍ଟେଜ୍ ସ୍କୋୟାର୍ରେ ଏକଜୁଟ ହୋଇ ଇସ୍ରାଏଲୀ ପତାକା ଉଡ଼ାଇଛନ୍ତି । ମୁକ୍ତ ହୋଇଥିବା ପଣବନ୍ଦୀଙ୍କ ନାଁ ଘୋଷଣା କରିବା ସମୟରେ ଭିଡ଼ ମଧ୍ୟରେ ଅନେକ ଲୋକ କାନ୍ଦି ପକାଇଥିଲେ ।

ଇସ୍ରାଏଲ ପ୍ରତିରକ୍ଷା ବାହିନୀ 'ରିଟର୍ଣ୍ଣିଂ ହୋମ୍' ନାଁରେ ସୋସିଆଲ ମିଡିଆରେ ଏକ ପୋଷ୍ଟ୍ ଅପଡେଟ୍ କରିଛି । ଆଇଡିଏଫ୍‌ର କମାଣ୍ଡର ଏବଂ ସୈନିକମାନେ ଘର ବାହୁଡ଼ା ପଣବନ୍ଦୀମାନଙ୍କୁ ସାଲ୍ୟୁଟ ମାରିଛନ୍ତି । ସେହିପରି ପଣବନ୍ଦୀଙ୍କ ଗୋପନୀୟତାକୁ ସମ୍ମାନ ଦେବା ଏବଂ କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାପାଇଁ ଆଇଡିଏଫ୍ ଇସ୍ରାଏଲ ନାଗରିକଙ୍କୁ ନିର୍ଦ୍ଦେଶ ଦେଇଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏବଂ ତାଙ୍କ ପତ୍ନୀ ସାରା ଘରବାହୁଡ଼ା ପଣବନ୍ଦୀଙ୍କ ପାଇଁ ଏକ ହାତଲେଖା ନୋଟ୍ ଦେଇଛନ୍ତି । ଏହି ନୋଟ୍‌ରେ ଲେଖା ଅଛି, ' ଇସ୍ରାଏଲର ସମସ୍ତ ଲୋକଙ୍କ ପକ୍ଷରୁ ସ୍ୱାଗତ । ଆମେ ଆପଣମାନଙ୍କୁ ଅପେକ୍ଷା କରିଥିଲୁ, ଆଲିଙ୍ଗନ କରୁଛୁ । ମିଳିଥିବା ସୂଚନାନୁଯାୟୀ ଜୀବିତ ପଣବନ୍ଦୀଙ୍କ ସହ ମୃତ ପଣବନ୍ଦୀଙ୍କ ମରଶରୀର ମଧ୍ୟ ସରକାର ଗ୍ରହଣ କରିବାପାଇଁ ପ୍ରସ୍ତୁତ ଥିବା ଜଣାପଡ଼ିଛି । ଇତି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁଦ୍ଧବିରତିକୁ ସ୍ୱାଗତ କରି ଟ୍ରମ୍ପ କହିଛନ୍ତି, ଯୁଦ୍ଧ ଶେଷ ହେଲା । ଏହା ବହୁତ ବଡ଼ ଦିନ । ଏହା ଏକ ନୂଆ ଆରମ୍ଭ । ଉଲ୍ଲେଖଯୋଗ୍ୟ ଯେ ପଣବନ୍ଦୀମାନଙ୍କୁ ଆଜି ହମାସ ଦ୍ୱାରା ଗାଜାରେ ଅନ୍ତର୍ଜାତୀୟ ରେଡ୍‌କ୍ରସ କମିଟି ପ୍ରତିନିଧିଙ୍କୁ ହସ୍ତାନ୍ତର କରାଯାଇଥିଲା । ଏହାପରେ ପଣବନ୍ଦୀମାନଙ୍କୁ ରେଡ୍‌କ୍ରସ୍ ପକ୍ଷରୁ ଇସ୍ରାଏଲୀ ସେନାକୁ ହସ୍ତାନ୍ତର କରାଯାଇଥିଲା । ଚୁକ୍ତି ମୁତାବକ ଇସ୍ରାଏଲରେ ବନ୍ଦୀ ଥିବା ୧୯୦୦ରୁ ଅଧିକ ପାଲେଷ୍ଟିନୀୟ କଏଦୀଙ୍କ ବଦଳରେ ୨୦ ଜୀବିତ ଇସ୍ରାଏଲୀ ପଣବନ୍ଦୀ ମୁକ୍ତ ହୋଇଛନ୍ତି ।

## ଗଣଦୁଷ୍କର୍ମ ମାମଲାରେ ପଞ୍ଚମ ଅଭିଯୁକ୍ତ ଗିରଫ



ପଶ୍ଚିମବଙ୍ଗ : ପଶ୍ଚିମବଙ୍ଗ ଗଣଦୁଷ୍କର୍ମ ମାମଲାରେ ପଞ୍ଚମ ଅଭିଯୁକ୍ତ ଗିରଫ । ଗ୍ୟାଙ୍ଗ ରେପ ଘଟଣାରେ ଚାଲିଛି ତନାଘନା ତଦନ୍ତ । ପଞ୍ଚମ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟରେ ହାଜର କରିଛି ପୋଲିସ । ଗତକାଲି ଗିରଫ ଚାରି ଅଭିଯୁକ୍ତଙ୍କୁ ଅଧିକ ପଚରାଉଚରା ପାଇଁ ୧୦ଦିନିଆ ରିମାଣ୍ଡରେ ନେଇଛି ପୋଲିସ । ଘଟଣାସ୍ଥଳରୁ ପୀଡ଼ିତାଙ୍କୁ ଛାଡ଼ି ଚାଲିଯାଇଥିବା ପୁରୁଷ ବନ୍ଧୁକୁ ଘଟଣା ସମ୍ପର୍କରେ ମାରାଥନ୍ ଜେରା ଚାଲିଛି । ଅନ୍ୟପଟେ ପଶ୍ଚିମବଙ୍ଗ କର୍ତ୍ତୃପକ୍ଷଙ୍କଠାରୁ ପ୍ରାରମ୍ଭିକ ସହାୟତା ନ ମିଳିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ପୀଡ଼ିତାଙ୍କ ବାପା । ଝିଅକୁ ଉନ୍ନତ ଚିକିତ୍ସା ପାଇଁ ଓଡ଼ିଶା ଆଣିବାକୁ ଅନୁମତି ଦେବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନିବେଦନ କରିଛନ୍ତି । ଏହା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର ଦଣ୍ଡ ପାଇଁ ସେ ଦାବି କରିଛନ୍ତି । ଶୁକ୍ରବାର ରାତିରେ ଦୁର୍ଗାପୁରର ଏକ ଘରୋଇ ମେଡିକାଲ ଛାତ୍ରୀ ବୟଫ୍ରେଣ୍ଡ ସହ ରାତ୍ରିଭୋଜନ ପାଇଁ ଯାଇଥିବା ବେଳେ ଗଣଦୁଷ୍କର୍ମର ଶିକାର ହୋଇଥିଲେ । ଓଡିଆ ଡାକ୍ତରୀ ଛାତ୍ରୀଙ୍କ ଗ୍ୟାଙ୍ଗରେପ ଘଟଣା ସବୁଠି ଚହଳ ସୃଷ୍ଟି କରିଛି ।

## ଆଗ୍ରାର ତାଜମହଲରେ ଅଗ୍ନିକାଣ୍ଡ



ଉତ୍ତରପ୍ରଦେଶ : ଉତ୍ତରପ୍ରଦେଶ ଆଗ୍ରାରେ ଥିବା ବିଶ୍ୱ ପ୍ରସିଦ୍ଧ ତାଜମହଲର ଦକ୍ଷିଣ ଦ୍ୱାରରେ ଅଗ୍ନିକାଣ୍ଡ ଘଟିଛି । ସର୍ଟ ସର୍କିଟ୍ କାରଣରୁ ଏପରି ଅଘଟଣ ଘଟିଥିବା ଜଣାପଡିଛି । ଫଳରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଏପରି ଘଟଣା ଗତକାଲି ସକାଳେ ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଥିବା କର୍ମଚାରୀମାନେ ତୁରନ୍ତ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଇଝଓ) ଅଧିକାରୀ ଏବଂ ଟୋରେଣ୍ଟ ପାୱାରକୁ ସୂଚନା ଦେଇଥିଲେ । ସୂଚନା ପାଇବା ମାତ୍ରେ ଟୋରେଣ୍ଟ ପାୱାରର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ସମସ୍ୟାର ସମାଧାନ କରିଥିଲେ । ସୂଚନାନୁଯାୟୀ, ତାଜମହଲର ଦକ୍ଷିଣ ଦ୍ୱାରରେ ଥିବା ଚାମ୍ବରଗୁଡ଼ିକ ଉପରେ ଏକ ବିଦ୍ୟୁତ୍ ତାର ଚାଲିଯାଇଥିଲା । ହଠାତ୍ ସ୍ପାର୍କିଂ ହେବାରୁ ଧୂଆଁ ବ୍ୟାପିଥିଲା । ସୂଚନା ପାଇବା ମାତ୍ରେ ଟୋରେଣ୍ଟ ପାୱାରର ଏକ ଟିମ୍ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ । ଟୋରେଣ୍ଟ ପାୱାର ମରାମତି ପାଇଁ ଦୁଇ ଘଣ୍ଟା ପାଇଁ ତାଜମହଲର ଦ୍ୱାର ବନ୍ଦ କରିଦେଇଥିଲା । ଅଗ୍ନିକାଣ୍ଡ ତାଜମହଲର ସୁରକ୍ଷା ବ୍ୟବସ୍ଥାକୁ ପ୍ରଭାବିତ କରିନଥିଲା । କାହାର କ୍ଷୟକ୍ଷତି ହୋଇଥିବା ସୂଚନା ନାହିଁ । ଏହା ବ୍ୟତୀତ ବର୍ତ୍ତମାନ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସୂଚନା ମିଳିଛି ।

## କଂଗ୍ରେସ କେବେବି ଶିଖ ଗଣହତ୍ୟାର ଅପରାଧୀଙ୍କୁ ସୁରକ୍ଷା ଦେବାର ପାପରୁ ରକ୍ଷା ପାଇପାରିବ ନାହିଁ: ତରୁଣ ଚୁଗ୍

ନୂଆଦିଲ୍ଲୀ : ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ମହାସଚିବ ତରୁଣ ଚୁଗ୍ ସୋମବାର କଂଗ୍ରେସ ନେତା ପି. ଚିଦାମ୍ବରମଙ୍କ ଅପରେସନ ବ୍ଲୁଷ୍ଟାର ଏବଂ ୧୯୮୪ ଗଣହତ୍ୟାରେ କଂଗ୍ରେସର ଭୂମିକା ବିଷୟରେ ମିଥ୍ୟା ପ୍ରକାଶ କରିଛନ୍ତି । କଂଗ୍ରେସକୁ କଡ଼ା ସମାଲୋଚନା କରି ତରୁଣ ଚୁଗ୍ ପ୍ରଶ୍ନ କରିଛନ୍ତି ଯେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ସମ୍ମତି ଏବଂ ନିର୍ଦ୍ଦେଶ ବିନା ଶ୍ରୀ ହରିମନ୍ଦିର ସାହିବରେ ଟ୍ୟାଙ୍କ ଏବଂ ତୋପ କିପରି ଗୁଳି ଚାଳନା କରାଯାଇପାରିଥାନ୍ତା । ସତ୍ୟକୁ ବିକୃତ କରିବା ସହିଦଙ୍କ ପ୍ରତି ଅପମାନ ଏବଂ ଇତିହାସର ସବୁଠାରୁ କଳା ଅଧ୍ୟାୟକୁ ଘୋଡାଇବା ପାଇଁ ଏକ ଲଜ୍ଜାଜନକ ପ୍ରୟାସ । ଶିଖ ଗଣହତ୍ୟାର ଅପରାଧୀଙ୍କୁ ସୁରକ୍ଷା ଦେବାର ପାପରୁ କଂଗ୍ରେସ କେବେବି ରକ୍ଷା ପାଇପାରିବ ନାହିଁ । ସୋମବାର ଦି ତରୁଣ ଚୁଗ୍ ଏକ ବିବୃତି ଜାରି କରି କହିଛନ୍ତି ଯେ କଂଗ୍ରେସ ଦଳ ଚାରି ଦଶନ୍ଧି ଧରି ୧୯୮୪ ଶିଖ ଗଣହତ୍ୟାର ଅପରାଧୀଙ୍କୁ ସୁରକ୍ଷା ଏବଂ ପୃଷ୍ଠପୋଷକତା ଦେଇଥିଲା । ୫୨ ଜିଲ୍ଲାରେ ନିର୍ଦ୍ଦୋଷ ଶିଖଙ୍କ ନିର୍ମମ ହତ୍ୟାର ଅଭିଯୁକ୍ତ ଜଗଦୀଶ ଟାଇଟଲର, ସଜ୍ଜନ କୁମାର ଏବଂ ଏଚ୍.କେ.ଏଲ୍. ଭଗତଙ୍କ ଭଳି ନେତାମାନଙ୍କୁ କଂଗ୍ରେସ ସୁରକ୍ଷା ଦେଇଥିଲା ।



## କଫ ସିରପ ମୃତ୍ୟୁ ମାମଲାରେ ଇଡି ଶ୍ରୀସାନ ଫାର୍ମାର ସାତଟି ସ୍ଥାନରେ କରିଛି ଚଢାଉ

ଚେନ୍ନାଇ : କଫ ସିରପ ମୃତ୍ୟୁ ମାମଲାରେ ପ୍ରବର୍ତନ ନିର୍ଦ୍ଦେଶାଳୟ (ଇଡି) ସୋମବାର ଶ୍ରୀସାନ ଫାର୍ମାର ଚେନ୍ନାଇ ପରିସର ଏବଂ ତାମିଲନାଡୁ ଔଷଧ ନିୟନ୍ତ୍ରଣ ବିଭାଗ ଅଧିକାରୀଙ୍କ ପରିସରରେ ଚଢାଉ କରିଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମନି ଲଣ୍ଡରିଂ ନିବାରଣ ଆଇନ, ୨୦୦୨ (ପିଏମଏଲଏ) ଅନୁଯାୟୀ ଏହି ଚଢାଉ କରିଛି । ସରକାରୀ ସୂତ୍ର ଅନୁଯାୟୀ ଇଡି ତାମିଲନାଡୁ ଔଷଧ ନିୟନ୍ତ୍ରଣ କାର୍ଯ୍ୟାଳୟ (ଡ୍ରଗ ନିୟନ୍ତ୍ରଣ ବିଭାଗ)ର ଉଚ୍ଚ ଅଧିକାରୀଙ୍କ ବାସଭବନ ସମେତ ପରିସରରେ ଚଢାଉ କରିଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ମଧ୍ୟ ପ୍ରଦେଶ ଏବଂ ତାମିଲନାଡୁରେ ଶ୍ରୀସାନ ଫାର୍ମାସ୍ୟୁଟିକାଲ୍ସ ବିରୁଦ୍ଧରେ ଦାଖଲ ହୋଇଥିବା ପୋଲିସ ଅଭିଯୋଗର ବିଚାର କରି ମନି ଲଣ୍ଡରିଂ ବିରୋଧୀ ଆଇନ ଅନୁଯାୟୀ ଏକ ଫୌଜଦାରୀ ମାମଲା ପଞ୍ଜିକରଣ କରିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।



## ପୂର୍ବତନ ଆଇଏଏସ୍ ଅଧିକାରୀ କନ୍ନନ ଗୋପୀନାଥନ କଂଗ୍ରେସରେ ଯୋଗଦେଲେ

ନୂଆଦିଲ୍ଲୀ : କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପରେ ପ୍ରସିଦ୍ଧି ଲାଭ କରିଥିବା ପୂର୍ବତନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ କନ୍ନନ ଗୋପୀନାଥନ ସୋମବାର କଂଗ୍ରେସରେ ଯୋଗଦେଲେ । ତାଙ୍କୁ ଦଳର ମହାସଚିବ କେସି ଭେନୁଗୋପାଳ ସଦସ୍ୟତାରେ ସାମିଲ କରିଥିଲେ । କଂଗ୍ରେସ ମୁଖପାତ୍ର ପବନ ଖେରା, ଜିଗ୍ନେଶ ମେଭାନୀ ଏବଂ କନହେୟା କୁମାର ମଧ୍ୟ ଏହି ଅବସରରେ ଉପସ୍ଥିତ ଥିଲେ । କଂଗ୍ରେସ ମହାସଚିବ କେସି ଭେନୁଗୋପାଳ କହିଛନ୍ତି ଯେ କନ୍ନନ ଗୋପୀନାଥନ ସେହି ସାହସୀ ଅଧିକାରୀଙ୍କ ମଧ୍ୟରୁ ଜଣେ ଯିଏ ସର୍ବଦା ଅବହେଳିତ ଏବଂ ଅବହେଳିତଙ୍କ ପାଇଁ କଥା କହି ଆସିଛନ୍ତି । ଗୋପୀନାଥନଙ୍କ କଂଗ୍ରେସ ଦଳରେ ଯୋଗଦାନ ଏକ ସ୍ପଷ୍ଟ ସୂଚନା ଯେ କଂଗ୍ରେସ ହେଉଛି ନ୍ୟାୟ ଏବଂ ସମାନତାର ବିଚାରଧାରା ପ୍ରତି ପ୍ରତିବଦ୍ଧ ଏକମାତ୍ର ଦଳ । ଗୋପୀନାଥନ ୨୦୧୯ରେ ଇସ୍ତଫା ଦେଇଥିଲେ, କିନ୍ତୁ ଆଜି ପର୍ଯ୍ୟନ୍ତ ତାଙ୍କ ଇସ୍ତଫା ଗ୍ରହଣ କରାଯାଇନାହିଁ । ଉଲ୍ଲେଖନୀୟ ଯେ ଜମ୍ମୁ ଓ କାଶ୍ମୀରରେ ଧାରା ୩୭୦ ରଦ୍ଦ ଏବଂ ଯୋଗାଯୋଗ ପ୍ରତିବନ୍ଧକକୁ ବିରୋଧ କରି କନ୍ନନ ଗୋପୀନାଥନ ଅଗଷ୍ଟ ୫, ୨୦୧୯ ରେ ତାଙ୍କ ପଦବୀରୁ ଇସ୍ତଫା ଦେଇଥିଲେ । ଇସ୍ତଫା ଦେବା ପରେ ସେ କହିଥିଲେ ଯେ ସରକାରଙ୍କର ଧାରା ୩୭୦ ରଦ୍ଦ କରିବାର ଅଧିକାର ଅଛି, କିନ୍ତୁ ନାଗରିକମାନଙ୍କୁ ମଧ୍ୟ ସେମାନଙ୍କର ମତାମତ ପ୍ରକାଶ କରିବାର ଅଧିକାର ରହିବା ଉଚିତ ।

## ତତ୍କାଳୀନ କେନ୍ଦ୍ର ସରକାର ଚିନ୍ତା ନକରି ରାଜ୍ୟକୁ ପୁନର୍ଗଠିତ କରିଥିଲେ - ଚନ୍ଦ୍ରବାବୁ ନାଇଡୁ



ଅମରାବତୀ : ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ କହିଛନ୍ତି ଯେ ରାଜଧାନୀ ଅମରାବତୀ ଅଂଚଳର ଚାଷୀଙ୍କ ବଳିଦାନକୁ କେବେ ଭୁଲିଯିବ ନାହିଁ । ସେ ମନେ ପକାଇଲେ ଯେ ସେ ଚାଷୀଙ୍କ ଦୁର୍ଦ୍ଦଶା ଦେଖିଛନ୍ତି ଏବଂ ପ୍ରତିବାଦ କରିବାକୁ ରାସ୍ତାକୁ ଓହ୍ଲାଇଛନ୍ତି । ସେ କହିଛନ୍ତି ଯେ ରାଜଧାନୀ ଅଂଚଳକୁ ସମସ୍ତ ପ୍ରକାରେ ବିକଶିତ କରାଯିବ । ସୋମବାର ସକାଳେ ଅମରାବତୀରେ ସିଆରଡିଏ (କ୍ୟାପିଟାଲ୍ ରିଜିଅନ୍ ଡେଭଲପମେଂଟ ଅଥରିଟି) କାର୍ଯ୍ୟାଳୟ ଉଦଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ଏହି ବିବୃତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, 'ଆଜି ଏକ ବହୁତ ଖୁସିର ଦିନ । ସର୍ବପ୍ରଥମେ, ସିଆରଡିଏ କୋଠା ଉଦଘାଟନ କରାଯାଇଛି ।' ଅମରାବତୀର ଚାଷୀମାନେ ପ୍ରଥମେ ଭୂମି ପୁଲିଂ ଅଧୀନରେ ଜମି ପ୍ରଦାନ କରିଛନ୍ତି । ଭବିଷ୍ୟତରେ ସରକାରୀ ଏବଂ ବେସରକାରୀ କୋଠା ନିର୍ମାଣ କରାଯିବ । ଯେତେବେଳେ ରାଜ୍ୟ ବିଭାଜିତ ହୋଇଥିଲା, ସେତେବେଳେ କୌଣସି ରାଜଧାନୀ ନଥିଲା । ତତ୍କାଳୀନ କେନ୍ଦ୍ର ସରକାର ରାଜଧାନୀ କେଉଁଠି ହେବ ତାହା ନିର୍ଦ୍ଦିଷ୍ଟ ନକରି ରାଜ୍ୟକୁ ବିଭାଜିତ କରିଥିଲେ । ସେହି ଦିନ, ଆମେ ରାଜ୍ୟର ଭବିଷ୍ୟତ ପାଇଁ ଅନନ୍ୟ କିଛି ସୃଷ୍ଟି କରିବାକୁ ନିଷ୍ପତି ନେଇଥିଲୁ । ଆମେ ନିଷ୍ପତି ନେଇଥିଲୁ ଯେ ବିଜୟୱାଡା ଏବଂ ଗୁଂଟୁର ମଧ୍ୟରେ ଏକ ରାଜଧାନୀ ଏକ ଭଲ ବିକଳ୍ପ ହେବ । ଆମେ ପୂର୍ବରୁ ଏକ ଅବଧାରଣା ପ୍ରସ୍ତୁତ କରିଥିଲୁ ।

## କରୁର ଦଳାଚକଟା ତଦନ୍ତ କରିବ ସିବିଆଇ

ତାମିଲନାଡୁ : ଅଡୁଆରେ ସାଉଥ ସୁପରଷ୍ଟାର୍ ବିଜୟ । କରୁର ଦଳାଚକଟା ଘଟଣାର ହେବ ଉଇଓ ତଦନ୍ତ । ତାମିଲନାଡୁ କରୁରରେ ଦଳାଚକଟାରେ ୪୧ ଜଣଙ୍କ ମୃତ୍ୟୁ ହୋଇଥିଲା । ଘଟଣାର ଉଇଓ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଲେ ସୁପ୍ରିମକୋର୍ଟ । ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଅଜୟ ରସ୍ତୋଗିଙ୍କ ତତ୍ତ୍ୱାବଧାରେ ତଦନ୍ତ ହେବ । ଏହି ତଦନ୍ତକୁ ମନିଟର ପାଇଁ ୩ ଜଣିଆ କମିଟି ଗଠନ କରାଯିବ । ସାଉଥ ସୁପରଷ୍ଟାର ତଥା ଝଠକ ନେତା ବିଜୟଙ୍କ ରାଲିରେ ଦଳାଚକଟା ହୋଇଥିଲା ।

ସୂଚନାଯୋଗ୍ୟ, ତାମିଲନାଡୁର କରୁରରେ ରାଲିରେ ଦଳାଚକଟା ଘଟି ୪୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଥିଲେ । ଟିଭିକେର ଅଭିଯୋଗ କରିଛି, କରୁରରେ ଦଳାଚକଟା ଏକ ଦୁର୍ଘଟଣା ନଥିଲା । ଏହା ଏକ ଅପରାଧ ମୂଳକ ଷଡ଼ଯନ୍ତ୍ର ଥିଲା । ଡିଏମକେ ସରକାରଙ୍କ ଦ୍ୱାରା ଏହି ଷଡ଼ଯନ୍ତ୍ର ହୋଇଥାଇପାରେ ବୋଲି ଅନୁମାନ କରାଯାଉଛି ।

# ଖାଦ୍ୟରେ ନିଶା ଦେଇ ଲୁଟ୍, ଘରୁ ନଗଦ ଟଙ୍କା ଓ ସୁନା ନେଇ ଛୁ ମାରିଲେ ୧୨ ବୋହୂ

ଅଲିଗଡ଼ : ଜଣେ କି ଦୁଇ ଜଣ ନୁହେଁ ଏକା ସାଙ୍ଗେ ୧୨ ଜଣ ବୋହୂ ଶାଶୁଘରୁ ଫେରାର ମାରିଛନ୍ତି । ପ୍ରଥମେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ତଥା ପରିବାର ଲୋକଙ୍କ ବିଶ୍ୱାସ ଜିତିଲେ । ପୂଜା, ପାଠ ତଥା ରୋଷେଇରେ ପାରଙ୍ଗମ ଥିଲେ ସବୁ ବୋହୂ । କିନ୍ତୁ ଗୋଟିଏ ରାତିରେ ଶାଶୁଘର ଲୋକଙ୍କୁ ଖାଇବାରେ ନିଶା ଦେଇ ଫେରାର ହୋଇଗଲେ ଲୁଟେରା ବୋହୂ । ତାହା ପୁଣି ଘଟିଛି କରୱା ଚୌଥ ରାତିରେ । ଯେଉଁ ବ୍ରତ ରଖାଯାଏ ସ୍ୱାମୀଙ୍କ ମଙ୍ଗଳ ମନାସୀ । ସାରା ଦେଶରେ ବିବାହିତ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ଏହି ଦିନ ଉପବାସ କରୁଥିବା ବେଳେ, ଅଲିଗଡ଼ରେ ଘଟିଥିଲା ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା । ଅଲିଗଡ଼ରେ ରହୁଥିବା ୧୨ଟି ପରିବାରର ବୋହୂ ଏମିତି କାଣ୍ଡ ଘଟାଇଛନ୍ତି ଯାହାକୁ ବିଶ୍ୱାସ କରି ହେଉନି । ନବବିବାହିତାମାନେ କରୱାଚୌଥର ବ୍ରତକୁ ଭଲ ଭାବେ ପାଳନ କରିବା ପରେ ଘଟାଇଥିଲେ ଏହି ଲୁଟ୍ ଘଟଣା । ତେବେ ଆସନ୍ତୁ ଜାଣିବା ପୂରା ଘଟଣା କଣ ଥିଲା । ଏହି ମାମଲା ସାସନି ଗେଟ୍ ଥାନା ଅଞ୍ଚଳରେ ଘଟିଛି । ଘଟଣାକୁ ନେଇ ଏପର୍ଯ୍ୟନ୍ତ ଚାରିଟି ମାମଲା ରୁଜୁ ହୋଇଛି । ଏହା ଏକ ବଡ଼ ଗ୍ୟାଙ୍ଗର କାମ ବୋଲି ପୋଲିସ କହିଛି । ରିପୋର୍ଟ ଅନୁସାରେ ଫେରାର ହୋଇଥିବା ମହିଳାମାନଙ୍କୁ ବିହାର ଏବଂ ଝାଡ଼ଖଣ୍ଡରୁ ଅଣା ଯାଇଥିଲା । ଏହି ମହିଳାମାନଙ୍କର ସାମୁହିକ ବିବାହ କରାଯାଇଥିଲା । ବାହାଘର ପାଇଁ ପୁଅ ଘର ପକ୍ଷରୁ ଦଲାଲମାନଙ୍କୁ ୮୦ ହଜାରରୁ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦିଆଯାଇ ଥିଲା ।



ତଦନ୍ତରୁ ଜଣାପଡିଛି ଯେ ବିବାହ ପରେ ସମସ୍ତ ନବବଧୂ ଶାଶୁ ଘରେ ବଢ଼ିଆ ଭାବରେ କାମ କରି ସମସ୍ତଙ୍କ ହୃଦୟ ଜିତି ନେଇଥିଲେ । ଶାଶୁଘର ଲୋକେ ବି ବୋହୂଙ୍କ ଉପରେ ବିଶ୍ୱାସ କରିବା ଆରମ୍ଭ କରିଥିଲେ । ଏହାର ସୁଯୋଗ ନେଇ କରୱାଚୌଥ ରାତିରେ ହିଁ ବୋହୂମାନେ ନିଜ ପ୍ଲାନ୍ ଅନୁସାରେ ଚୋରି କରିଥିଲେ । କରୱାଚୌଥ ଓପାସ କରି ଏଭଳି ଅଭିନୟ କଲେ ଯେ ଶାଶୁ ଘର ଲୋକେ ଭାବିଲେ ଭାଗ୍ୟକୁ ଏମିତି ବୋହୂ ମିଳେ । ହେଲେ ରାତିରେ ଏଇ ବୋହୂମାନେ ସେମାନଙ୍କ ଅସଲ ରୂପ ଦେଖାଇଲେ । ଖାଦ୍ୟରେ ନିଶା ମିଶାଇ ଘର ଲୋକଙ୍କୁ ଖାଇବାକୁ ଦେଇଥିଲେ । ସେମାନଙ୍କ ଏମିତି ପ୍ଲାନ ଥିଲା ଯେ ଘର ଲୋକ କେହି ସନ୍ଦେହ କରି ପାରି ନଥିଲେ । ପରିବାର ଲୋକେ ଖାଦ୍ୟ ଖାଇବା ପରେ ନିଶାରେ ବେହୋସ ହେବାକୁ ଲାଗିଲେ । ଏହାର ସୁଯୋଗ ନେଇ ଲୁଟେରା ବୋହୂମାନେ ଘରେ ଥିବା ନଗଦ ଟଙ୍କା ଓ ଲକ୍ଷ ଲକ୍ଷ ଟଙ୍କାର ସୁନା ଗହଣା ନେଇ ଛୁ ମାରିଥିଲେ । ସକାଳେ ସମସ୍ତଙ୍କ ଚେତା ଫେରିଲା ବେଳକୁ ଆଲମାରୀ ଖୋଲା ଥିବା ଦେଖିବାକୁ ପାଇଥିଲେ । ସେପଟେ ନୂଆବୋହୂଙ୍କର ପତ୍ତା ନଥିଲା । ଘରେ ଘରେ ହୋହାଲ୍ଲା ପାଟି ତୁଣ୍ଡ ଆରମ୍ଭ ହୋଇଗଲା । ହେଲେ କଣ ହେବ, ସମସ୍ତଙ୍କ ଘରେ କଳାକନା ବୁଲାଇ ବୋହୂ ଫେରାର ହୋଇ ଯାଇଥିଲେ ।

ଯେଉଁ ଦଲାଲମାନେ ଝିଅଙ୍କୁ ଠିକ୍ କରିଥିଲେ ସେମାନଙ୍କୁ କଲ୍ ଲଗାଇଥିଲେ ପରିବାର ଲୋକେ । କିନ୍ତୁ ସମସ୍ତ ନମ୍ବର ବନ୍ଦ ଥିଲା କିମ୍ବା କେହି ଉତ୍ତର ଦେଇ ନଥିଲେ । ପରେ ସ୍ପଷ୍ଟ ହୋଇଥିଲା ଯେ ଏହା କୌଣସି ସଂଯୋଗ ନଥିଲା ବରଂ ଏହା ଏକ ବିଧିବଦ୍ଧ ଯୋଜନା ଥିଲା । ପୂରା ନୂଆ କୌଶଳରେ ଲୁଟିବାର ଷଡ଼ଯନ୍ତ୍ର କରିଥିଲା ଏହି ଲୁଟେରା ଗ୍ୟାଙ୍ଗ ।..

ପୋଲିସ୍ ତଦନ୍ତରୁ ଜଣାପଡିଛି ଯେ ଏହି ୧୨ ଜଣ ଠକ ବୋହୂ ୩୦ ଲକ୍ଷ ଟଙ୍କାରୁ ଅଧିକ ଲୁଟି ନେଇଛନ୍ତି । ଏଥିରେ ସୁନା ଏବଂ ରୂପା ଅଳଙ୍କାର, ନଗଦ ଟଙ୍କା ଓ ମୋବାଇଲ୍ ଫୋନ୍ ମଧ୍ୟ ରହିଛି । କିଛି ପରିବାରର ଯୌତୁକ ଟଙ୍କା ମଧ୍ୟ ଚୋରି କରି ନେଇଛନ୍ତି ଲୁଟେରା ମହିଳା ।

ପ୍ରଥମ ପରିବାର ସାସନି ଗେଟ୍ ଥାନାରେ ଅଭିଯୋଗ କରିବା ମାତ୍ରେ, ଅନ୍ୟ ପୀଡିତ ପରିବାର ବି ଥାନାରେ ପହଞ୍ଚିଥିଲେ । ଧୀରେ ଧୀରେ ସ୍ପଷ୍ଟ ହୋଇଗଲା ଯେ ସେମାନେ ଏକ ବଡ଼ ରାକେଟର ଶିକାର ହୋଇଛନ୍ତି । ପୋଲିସ କହିଛି ଯେ ବିହାର, ଝାଡ଼ଖଣ୍ଡ ଏବଂ ପଶ୍ଚିମ ଉତ୍ତର ପ୍ରଦେଶରେ ଏହି ଗ୍ୟାଙ୍ଗ ସକ୍ରିୟ ରହିଛି । ଅଭିଯୁକ୍ତଙ୍କୁ ଖୋଜିବା ପାଇଁ ପୋଲିସ ଟିମ୍ ଗଠନ କରାଯାଇଛି ଏବଂ ସମସ୍ତଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ପୋଲିସ୍ କହିଛି । ଏହି ମହିଳାମାନଙ୍କର ପ୍ରକୃତ ପରିଚୟ ଖୋଜି ବାହାର କରିବା ପାଇଁ ପୋଲିସ ଏବେ ବିହାର ଏବଂ ଝାଡ଼ଖଣ୍ଡର ବିଭିନ୍ନ ଜିଲ୍ଲା ସହିତ ଯୋଗାଯୋଗ ରଖିଛି ।... ତେବେ ଗଣ ବିବାହର ଫଳ ଭୋଗିଲେ ଘର ଲୋକ ଓ ଶିଶୁପାଳ ଭଳି ଦଶା ଭୋଗିଲେ ପୁଅମାନେ । ତେଣୁ ଏବେ ଦେଖି ଚାହିଁ ବିବାହ କରିବାକୁ ଅନୁରୋଧ ।

# କ୍ଲିନସୁଇପ୍ ଦ୍ୱାରଦେଶରେ ଭାରତ

## ହୋପ ଓ କ୍ୟାମ୍ପବେଲ ଶତକଙ୍କ, ଇଣ୍ଡିଜ ୩୯୦

## ଟାର୍ଗେଟ ୧୨୧, ଭାରତ ୬୩/୧







ନୂଆଦିଲ୍ଲୀ, ୧୩।୧୦: ଶେଷ ଦିନକୁ ଯାଇଛି ଭାରତ-ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟ ଶେଷ ଦିନରେ ଭାରତକୁ ବିଜୟ ପାଇଁ ଦରକାର ମାତ୍ର ୫୮ ରନ ।ଦଳ ପାଖରେ ଏବେ ବି ୯ ୱିକେଟ ବାକି ରହିଛି ।ତେଣୁ ଭାରତ ମ୍ୟାଚ୍ ସହ ସିରିଜକୁ ୨-୦ରେ କ୍ଲିନ ସୁଇପ କରିବା ଏକଦମ ପକ୍କା।

କିନ୍ତୁ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଟେଷ୍ଟରେ ଭାରତକୁ କଡ଼ା ଟକ୍କର ଦେଇଛି। ଦଳ ଫଲୋଅନ ଖାଇବା ପରେ ମଧ୍ୟ ଇନିଂସ ପରାଜୟକୁ ଏଡ଼ାଇ ଦେଇଛି ଭାରତକୁ ନିଜ ମାଟିରେ ୱେଷ୍ଟଇଣ୍ଡିଜ ୨୦୦ ଓଭର ବୋଲିଂ କରିବାକୁ ବାଧ୍ୟ କରାଇଛି। ଦଳର ଦୁଇ ଜଣ ବ୍ୟାଟର ସାଇ ହୋପ ଓ ଜନ କ୍ୟାମ୍ପବେଲ ଶତକ ମଧ୍ୟ ମାରିଛନ୍ତି ।ଦୁଇ ଶତକଧାରୀଙ୍କ ପାଇଁ ଇଣ୍ଡିଜ ଟିମ ଇନିଂସ ପରାଜୟକୁ ଏଡ଼ାଇ ପାରିଛି। ହେଲେ ଭାରତ ଠାରୁ ମ୍ୟାଚ୍ ଛଡ଼ାଇ ନେବାକୁ ସକ୍ଷମ ହୋଇନାହିଁ ।ଅବଶ୍ୟ ମ୍ୟାଚକୁ ଦଳ ୫ମ ଦିନକୁ ଟାଣିବାକୁ ସକ୍ଷମ ହୋଇଛି।

ପ୍ରଥମ ଇନିଂସରେ ୱେଷ୍ଟଇଣ୍ଡିଜ ମାତ୍ର ୨୪୮ ରନ କରିଥିଲା ।ଭାରତର ପ୍ରଥମ ଇନିଂସ ସ୍କୋର ୫୧୮ ଠାରୁ ଦଳ ୨୭୦ ରନ ପଛରେ ରହିଥିଲା। ତେଣୁ ଶୁବମନ ଗିଲ ଫଲୋଅନ ଡାକିଥିଲେ ଅର୍ଥାତ ଇଣ୍ଡିଜକୁ ପୁଣି ବ୍ୟାଟିଂ କରିବାକୁ ପଡ଼ିଥିଲା ଲାଗୁଥିଲା। ୪ ଦିନ ଭିତରେ ଟେଷ୍ଟ ମ୍ୟାଚ୍ ଶେଷ ହୋଇଯିବ। କିନ୍ତୁ ୱେଷ୍ଟଇଣ୍ଡିଜ ଟିମ କଡ଼ା ଟକ୍କର ଦେବା ସହ ମ୍ୟାଚ୍‌କୁ ୫ମ ଦିନକୁ ନେଇ ଯାଇଛି। ଦ୍ୱିତୀୟ ଇନିଂସରେ ୱେଷ୍ଟଇଣ୍ଡିଜ ୩୯୦ ରନ କରିବାରୁ ଭାରତକୁ ମ୍ୟାଚ୍ ଜିତିବା ପାଇଁ ୧୨୧ ରନର ଟାର୍ଗେଟ ମିଳିଛି। ଯଦି ପ୍ରଥମ ଇନିଂସରେ ଇଣ୍ଡିଜ ବଡ ସ୍କୋର କରିଥାନ୍ତା ତେବେ ଭାରତ ପାଇଁ କଡ଼ା ଟକ୍କର ହୋଇଥାନ୍ତା।

୪ର୍ଥ ଦିନରେ ଭାରତ ତାର ଦ୍ୱିତୀୟ ଇନିଂସରେ ୧୮ ଓଭର ବ୍ୟାଟିଂ କରି ଗୋଟିଏ ୱିକେଟ ହରାଇ ୬୩ ରନ କରି ନେଇଛି। ଦଳ ବିଜୟ ଠାରୁ ୫୮ ରନ ଦୂରରେ ରହିଛି। ଆଜି ଷ୍ଟମ୍ପ ଅପସାରଣ ବେଳକୁ କେଏଲ ରାହୁଲ ୨୫ ଓ ସାଇ ସୁଦର୍ଶନ ୩୦ ରନ କରି ଅପରାଜିତ ରହିଛନ୍ତି ପ୍ରଥମ ଇନିଂସରେ ୧୭୫ ରନ କରିଥିବା ଯଶସ୍ୱୀ ଜୈାଲ ୮ ରନ କରି ଆଜି ଏକମାତ୍ର ବ୍ୟାଟର ଭାବେ ଆଉଟ ହୋଇଛନ୍ତି। ତାଙ୍କ ୱିକେଟ ।ରିକାନଙ୍କ ଖାତାକୁ ଯାଇଛି।

ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଫଲୋଅନ ଖାଇଥିବା ୱେଷ୍ଟଇଣ୍ଡିଜ ୨ ୱିକେଟ ହରାଇ ୧୭୩ ରନ୍ ସଂଗ୍ରହ କରି ନେଇଥିଲା। ତଥାପି ଦଳ ଭାରତଠାରୁ ୯୭ ରନ୍ ପଛରେ ରହିଥିଲା। ପ୍ରଥମ ଇନିଂସରେ ଇଣ୍ଡିଜ ଟିମ ୨୪୮ ରନ୍‌ରେ ଅଲଆଉଟ୍ ହୋଇଥିବାରୁ ଭାରତକୁ ୨୭୦ ରନ୍‌ର ଅଗ୍ରଣୀ ମିଳିଥିଲା।

ଫଲୋଅନ ଖାଇବା ପରେ ପ୍ରଥମ ଇନିଂସର ଭୁଲ୍‌କୁ ପୁଣି ଦୋହରାଇ ଥିଲା। ଇଣ୍ଡିଜ ଆରମ୍ଭରୁ ଦଳ ଚନ୍ଦ୍ରପଲ(୧୭) ଓ ଅଲିକ ଅଥାଞ୍ଜେ(୧୦)ଙ୍କୁ ହରାଇଥିଲା ୩୫ ରନରେ ଦୁଇ ୱିକେଟ ହରାଇ ଇନିଂସ ପରାଜୟ ଅଭିମୁଖେ ଯାଇଥିଲା ଦଳ। ହେଲେ କ୍ୟାମ୍ପବେଲ ଓ ଅଭିଜ୍ଞ ସାଇ ହୋପ ଦମଦାର ବ୍ୟାଟିଂ କରି ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଆଉ କୌଣସି କ୍ଷତିରେ ଦଳୀୟ ସ୍କୋରକୁ ୧୭୩ରେ ପହଞ୍ଚାଇ ଦେଇଥିଲେ।

ଆଜି ୪ର୍ଥ ଦିନରେ ଏହି ସ୍କୋରକୁ ଉଭୟ ଆଗକୁ ନେଇଥିଲେ କ୍ୟାମ୍ପବେଲ ତାଙ୍କ ଟେଷ୍ଟ କ୍ୟାରିୟରର ପ୍ରଥମ ଶତକ ମଧ୍ୟ ହାସଲ କରିଥିଲେ। ତେବେ ଦଳୀୟ ସ୍କୋର ୨୧୨ ଥିବା ବେଳେ ରବୀନ୍ଦ୍ର ଜାଡେଜାଙ୍କ ବଲରେ ୧୧୫ ରନ ଆଉଟ ହୋଇଥିଲେ କ୍ୟାମ୍ପବେଲ। ସେ ଏହି ଇନିଂସରେ ୧୨ଟି ଚୌକା ଓ ୩ଟି ଛକା ମାରିଛନ୍ତି।

କ୍ୟାମ୍ପବେଲ ଆଉଟ ହୋଇଥିଲେ ହେଁ ସାଇ ହୋପ ହାର ମାନି ନଥିଲେ। ସେ ଅଧିନାୟକ ରୋଷ୍ଟନ ଚେଜଙ୍କୁ ସାଥୀ କରି ଦଳୀୟ ସ୍କୋରକୁ ଆଗକୁ ନେଇଥିଲେ ନିଜର ଶତକ ହାସଲ କରିବା ସହ ପ୍ରଥମେ ଇଣ୍ଡିଜକୁ ଇଂନିସ ପରାଜୟ ଲଜ୍ଜାରୁ ରକ୍ଷା କରିଥିଲେ ଇଣ୍ଡିଜ ଦ୍ୱିତୀୟ ଇନିଂସରେ ପ୍ରଥମେ ଭାରତର ୨୭୦ ରନ ସୁଝିଥିଲା କିନ୍ତୁ ଦଳୀୟ ସ୍କୋର ୨୭୧ ଅର୍ଥାତ ଇଣ୍ଡିଜର ଲିଡ ମାତ୍ର ୧ ରନ ଥିବା ବେଳେ ମହମ୍ମଦ ସିରାଜଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ। ହୋପ ୨୧୪ ବଲରେ ୧୦୩ ରନର ଇନିଂସ ଖେଳିଥିବା ହୋପ ୧୨ଟି ଚୌକା ଓ ୨ଟି ଛକା ମାରିଛନ୍ତି।

ହୋପଙ୍କ ପରେ ଇଣ୍ଡିଜ ନିୟମିତ ୱିକେଟ ହରାଇବା ଆରମ୍ଭ କରିଥିଲା। କୁଲଦୀପ ଯାଦବ ଓ ଯଶପ୍ରୀତ ବୁମ୍ରା ଆଉ ବେଶୀ ବିପର୍ଯ୍ୟୟ ଘଟାଇବାକୁ ଇଣ୍ଡିଜ ଟିମକୁ କୌଣସି ସୁଯୋଗ ଦେଇ ନଥିଲେ। ଚେଜ(୪୦), ଡେଭିନ ଇମଲାଚ(୧୨) ଓ ଖାରୟ ପେର(୦)ଙ୍କ ୱିକେଟ କୁଲଦୀପଙ୍କ ଖାତାକୁ ଯାଇଥିଲା। ଜଷ୍ଟିସ ଗ୍ରେଭସ ଗୋଟିଏ ପଟୁ ବଡ଼ ଶଟ ଖେଳି ୫୦ ରନ କରିଥିଲେ ହେଁ ଏପଟେ ବୁମ୍ରା ଗୋଟିଏ ପରେ ଗୋଟିଏ ୱିକେଟ ନେଇ ଇଣ୍ଡିଜ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। ସେ ୱାରିକାନ(୩), ଆଣ୍ଡରସନ ଫିଲିପ ଓ ଶେଷ ବ୍ୟାଟର ଭାବ ୩୨ ରନ କରିଥିବା ଜୟଡେନ ସେଲ୍ସଙ୍କୁ ପ୍ୟାଭିଲିୟନ ପଠାଇଥିଲେ ।ଦ୍ୱିତୀୟ ଇନିଂସରେ କୁଲଦୀପ ଓ ବୁମ୍ରା ୩ଟି ଲେଖାଏ ୱିକେଟ ନେଇଥିବା ବେଳେ ମହମ୍ମଦ ସିରାଜ ୨ଟି, ରବୀନ୍ଦ୍ର ଜାଡେଜା ଓ ସ୍ୱାଶିଂଟନଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଛି। ଇଣ୍ଡିଜ ଦ୍ୱିତୀୟ ଇନିଂସରେ ୩୯୦ ରନରେ ଅଲଆଉଟ ହେବାରୁ ଭାରତକୁ ଜିତିବା ପାଇଁ ୧୨୧ ରନର ଟାର୍ଗେଟ ମିଳିଛି। ଏହାକୁ ପିଛା କରି ଭାରତ ଗୋଟିଏ ୱିକେଟ ହରାଇ ୬୩ ରନ କରି ନେଇଛି ।

## ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା ସ୍ଥଗିତ

ଗଞ୍ଜାମ, ୧୩।୧୦: ଗଞ୍ଜାମ ସହର ବଡ଼ ବଜାର ସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିଅମଠାରେ ମଙ୍ଗଳବାର ହେବାକୁ ଥିବା ଜିଲାସ୍ତରୀୟ ଖୋ ଖୋ ଚମ୍ପିୟନସିପ ଆସନ୍ତା ୧୬ ତାରିଖରେ ଅନୁଷ୍ଠିତ ହେବ ଲଗାଣ ବର୍ଷା ଯୋଗୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହାକୁ ସ୍ଥଗିତ ରଖାଯାଇ ଆସନ୍ତା ୧୬ରୁ ଆରମ୍ଭ ହୋଇ ୧୮ ପର୍ଯ୍ୟନ୍ତ ଚାଲିବ ବୋଲି ଭାରତୀ ବିଦ୍ୟାପୀଠ କ୍ରୀଡା ଶିକ୍ଷକ ପ୍ରୀତି ରଞ୍ଜନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଏହି ଖୋ ଖୋ ପ୍ରତିଯୋଗିତାରେ ଜିଲାର ୨୨ଟି ବ୍ଲକର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି ପଡିଆରେ ବର୍ଷା ପାଣି ଜମି ଷ୍ଟାଡିଅମ ପଡିଆଟି ସମ୍ପୂର୍ଣ୍ଣ କାଦୁଅ ହୋଇଯାଇଛି ସମସ୍ତ ପ୍ରସ୍ତୁତି ସରିଥିଲା ବେଳେ ହେଲେ ବର୍ଷା ଯୋଗୁ ଏହି ପଡିଆରେ ଖେଳ ସମ୍ଭବ ହୋଇ ନ ପାରିବା କାରଣରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଥିବା ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ବେହେରା କହିଛନ୍ତି । ପ୍ରଥମ ଥର ପାଇଁ ଏଠାରେ ୬୯ ତମ ଜିଲାସ୍ତରୀୟ ଖୋ ଖୋ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବାରୁ ବ୍ଲକର ସମସ୍ତ ପିଇଟି ଶିକ୍ଷକଙ୍କ ମଧ୍ୟରେ ପ୍ରବଳ ଉତ୍ସହ ଥିବା ବେଳେ ବର୍ଷା ଦାଉ ସାଧିଛି ।

## ଆମଲାଙ୍କ ପ୍ଲେ-୧୧ରେ ନାହାଁନ୍ତି କୋହଲି

ନୂଆଦିଲ୍ଲୀ, ୧୩।୧୦: ପୂର୍ବତନ ଦକ୍ଷିଣ ଆଫ୍ରିକା କ୍ରିକେଟର ହାସିମ ଆମଲା ଟେଷ୍ଟ କ୍ରିକେଟରେ ତାଙ୍କର ସର୍ବକାଳୀନ ଶ୍ରେଷ୍ଠ ଖେଳାଳି ୧୧ ଚୟନ କରିଛନ୍ତି ସେ ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ବିରାଟ କୋହଲିଙ୍କୁ ତାଙ୍କର ସର୍ବୋତ୍ତମ ଖେଳାଳି ୧୧ ମଧ୍ୟରୁ ବାଦ୍ ଦେଇଛନ୍ତି କେବଳ ବିରାଟ ନୁହେଁ, ସେ ସମସ୍ତ ଚାରି ଫ୍ୟାବ-୪ ବ୍ୟାଟ୍ସମ୍ୟାନ: ଷ୍ଟିଭ ସ୍ମିଥ, ଜୋ ରୁଟ ଏବଂ କେନି ଲିୟମ୍ସନଙ୍କୁ ମଧ୍ୟ ଅଣଦେଖା କରିଛନ୍ତି। ଆମଲା ଓପନର୍ ଭାବରେ ଗ୍ରାଏମ ସ୍ମିଥ ଏବଂ ମାଥ୍ୟୁ ହେଡେନ୍‌ଙ୍କୁ ଚୟନ କରିଛନ୍ତି ।ହାସିମ ଆମଲା ଟେଷ୍ଟରେ ସର୍ବୋତ୍ତମ ଖେଳାଳି ୧୧ ଚୟନ କରିଛନ୍ତି। ହାସିମ ଆମଲା ତାଙ୍କ ସର୍ବୋତ୍ତମ ଖେଳାଳି ୧୧ରେ ମାଥ୍ୟୁ ହେଡେନ ଏବଂ ଗ୍ରାଏମ ସ୍ମିଥ୍‌ଙ୍କୁ ଓପନର୍ ଭାବରେ ସାମିଲ କରିଛନ୍ତି। ସ୍ମିଥ ଦକ୍ଷିଣ ଆଫ୍ରିକାର ସବୁଠାରୁ ସଫଳ ଟେଷ୍ଟ ବ୍ୟାଟ୍ସମ୍ୟାନ ଏବଂ ଏହାର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକମାନଙ୍କ ମଧ୍ୟରୁ ଜଣେ ଆମଲା ଦି ୱାଲ ଭାବରେ ଜଣାଶୁଣା ରାହୁଲ ଦ୍ରାବିଡଙ୍କୁ ଏବଂ ଚତୁର୍ଥ ସ୍ଥାନରେ ରିକି ପଣ୍ଟିଂଙ୍କୁ ନମ୍ବର ୩ ସ୍ଥାନ ଦେଇଛନ୍ତି ପଣ୍ଟିଂ ଏବଂ ଦ୍ରାବିଡ ସେମାନଙ୍କ ଟେଷ୍ଟ କ୍ୟାରିୟରରେ ଯଥାକ୍ରମେ ୧୩,୩୭୮ ଏବଂ ୧୩,୨୮୮ ରନ କରିଛନ୍ତି। ଆମଲା ଟେଷ୍ଟରେ ୧୩,୨୮୯ ରନ ଏବଂ ୨୯୨ ଉଇକେଟ୍ ନେଇଥିବା ଜ୍ୟାକ କାଲିସଙ୍କୁ ପଞ୍ଚମ ସ୍ଥାନରେ ରଖିଛନ୍ତି। ଶ୍ରେଷ୍ଠ ଟେଷ୍ଟ ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ବ୍ରାଏନ ଲାରା ମଧ୍ୟ ଦଳରେ ନାହାନ୍ତି, କିନ୍ତୁ ହାସିମ ଆମଲା ଟେଷ୍ଟରେ ସର୍ବାଧିକ ରନ ସ୍କୋରର ସଚିନ ତେନ୍ଦୁଲକରଙ୍କୁ ସାମିଲ କରିଛନ୍ତି। ସଚିନ ତାଙ୍କ ଟେଷ୍ଟ କ୍ୟାରିୟରରେ ୧୫,୯୨୧ ରନ ଏବଂ ୫୧ ଶତକ ହାସଲ କରିଛନ୍ତି।

ଏବି ଡିଭିଲିୟର୍ସ ହାସିମ ଆମଲାଙ୍କ ଶ୍ରେଷ୍ଠ ଟେଷ୍ଟ ପ୍ଲେଇଂ ଇଲେଭେନରେ ଉଇକେଟ୍‌କିପର ହେବେ ମୁଥିଆ। ମୁରଲୀଧରନ ଏବଂ ସେନ ୱାର୍ଣ୍ଣ ସ୍ପିନ ବୋଲିଂ ଦାୟିତ୍ୱ ତୁଲାଇବେ ସେ ଦ୍ରୁତ ବୋଲରଙ୍କ ତାଲିକାରେ ଡେଲ ଷ୍ଟେନ ଏବଂ ଗ୍ଲେନ ମ୍ୟାକଗ୍ରାଙ୍କୁ ସାମିଲ କରିଛନ୍ତି ମୁରଲୀଧରନ ଟେଷ୍ଟରେ ୮୦୦ ଉଇକେଟ୍ ନେଇଥିଲେ, ଯାହା ଏପର୍ଯ୍ୟନ୍ତ ସର୍ବାଧିକ ଅନ୍ୟପକ୍ଷରେ ୱାର୍ନ ୭୦୮ ଉଇକେଟ୍‌ନେଇଥିଲେ।

## ଶୁବମନଙ୍କ ବଡ଼ ପ୍ରସ୍ତୁତି



ନୂଆଦିଲ୍ଲୀ, ୧୩।୧୦: ଶୁବମନ ଗିଲ ଭାରତର ଟେଷ୍ଟ ଦଳର ଅଧିନାୟକ ହେବା ସହିତ ଏବେ ତାଙ୍କୁ ଅଧିନାୟକ ମଧ୍ୟ ନିଯୁକ୍ତ କରାଯାଇଛି ଅଷ୍ଟ୍ରେଲିଆ। ବିପକ୍ଷ ଏବଂ ୨୦ ମ୍ୟାଚ ପାଇଁ ଟିମ ଇଣ୍ଡିଆ। ଘୋଷଣା କରାଯାଇଛି ଏହା ସହିତ, ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲଙ୍କୁ ଅଧିନାୟକ୍ ଦିଆଯାଇଛି ଅଧିନାୟକ ହେବା ପରେ ଗିଲ ତାଙ୍କର ପ୍ରଥମ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଭାରତୀୟ ଦଳ ବର୍ତ୍ତମାନ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛି, ଯାହାର ଦ୍ୱିତୀୟ ମ୍ୟାଚ ଅକ୍ଟୋବର ୧୦ରୁ ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବ ।ଭାରତୀୟ କ୍ରିକେଟ ଦଳର ଅଧିନାୟକ ହେବା ପରଠାରୁ, ଶୁବମନ ଗିଲ ତାଙ୍କ ଅଧିନାୟକତ୍ୱ କ୍ୟାରିୟର ପାଇଁ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛନ୍ତି ଅଧିନାୟକ ହେବା ବିଷୟରେ ଗିଲ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ଟେଷ୍ଟ ମ୍ୟାଚ ସମୟରେ ମୋ ଅଧିନାୟତ୍ୱର ଖବର ଆସିଥିଲା, କିନ୍ତୁ ମୁଁ ଏହା ବିଷୟରେ କିଛି ସମୟ ପୂର୍ବରୁ ଜାଣିଥିଲି ଏହା ପ୍ରକୃତରେ ଏକ ବଡ଼ ଦାୟିତ୍ୱ ଏବଂ ସମସ୍ତଙ୍କ ପାଇଁ ସମ୍ମାନ ମୁଁ ଏହି ଫର୍ମାଟରେ ମୋ ଦେଶକୁ ନେତୃ ଦେବାକୁ ବହୁତ ଉତ୍ସାହିତ। ଶୁବମନ ଗିଲ ଆହୁରି କହିଛନ୍ତି, ଗତ କିଛି ମାସ ମୋ ପାଇଁ ବହୁତ ରୋମାଞ୍ଚକର ଥିଲା କିନ୍ତୁ ଏବେ ମୁଁ ଅପେକ୍ଷା କରିଛି ଏବେ ମୁଁ ଭବିଷ୍ୟତକୁ ଚାହିଁ ରହିଛି। ମୁଁ ଯଥାସମ୍ଭବ ବର୍ତ୍ତମାନରେ ରହିବାକୁ ଚେଷ୍ଟା କରେ ମୁଁ ପୂର୍ବରୁ କଣ ହାସଲ କରିଛି କିମ୍ବା ଆମର ଦଳ ଏକାଠି କଣ ହାସଲ କରିଛି ତାହା ପଛକୁ ଫେରି ଚାହିଁବାକୁ ଚାହୁଁନାହିଁ। ଏବେ ଆମେ ଆଗକୁ ଅପେକ୍ଷା କରୁଛୁ ଏବଂ ଆଗାମୀ ମାସଗୁଡ଼ିକରେ ଆମର ଯେକୌଣସି ମ୍ୟାଚ ଜିତିବାକୁ ଚାହୁଁଛୁ।

## କୁଲଦୀପ ଯାଦବ ରଚ଼ିଲେ ଇତିହାସ

ନୂଆଦିଲ୍ଲୀ, ୧୩।୧୦: ଭାରତୀୟ କ୍ରିକେଟ୍ ଦଳର ବାମହାତି ସ୍ପିନର କୁଲଦୀପ ଯାଦବ ରବିବାର ଦ୍ୱିତୀୟ ଟେଷ୍ଟର ତୃତୀୟ ଦିନରେ ଅସାଧାରଣ ପ୍ରଦର୍ଶନ କରି ଇତିହାସ ରଚ଼ିଛନ୍ତି। ୱେଷ୍ଟଇଣ୍ଡିଜକୁ ୨୪୮ ରନରେ ଅଲ୍-ଆଉଟ୍ କରି ଭାରତ ୨୭୦ ରନର ବିଶାଳ ଲିଡ୍ ସହ ଫଲୋ-ଅନ୍ ଘୋଷଣା କରିଛି। ଏହା ସହିତ କୁଲଦୀପ ୫/୮୨ ଫିଗର୍ସରେ ତାଙ୍କ ପାଞ୍ଚମ ଟେଷ୍ଟ୍ ୫ ୱିକେଟ ହଅଲ୍ ହାସଲ୍ କରିଛନ୍ତି। ଟେଷ୍ଟ୍ କ୍ରିକେଟରେ ବାମହାତି ସ୍ପିନରଙ୍କ ମଧ୍ୟରୁ ସର୍ବାଧିକ ୫ ୱିକେଟ ହଅଲ୍ (୫) ସହ କୁଲଦୀପ ଇଂଲଣ୍ଡର ଜନି ୱାର୍ଡଲଙ୍କ ସହ ସମାନ୍ ହୋଇଛନ୍ତି। କିନ୍ତୁ ଉଲ୍ଲେଖଯୋଗ୍ୟ ଯେ, ୱାର୍ଡଲ ୨୮ଟି ଟେଷ୍ଟରେ ଏହି ସଫଳତା ପାଇଥିଲେ, ଯେତେବଳେ କୁଲଦୀପ ମାତ୍ର ୧୫ଟି ଟେଷ୍ଟରେ ଏହା କରିବାରେ ସକ୍ଷମ ହୋଇଛନ୍ତି। ଏହା ସହିତ ସେ ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି। ଅରୁଣ୍ ଜେଟଲୀ ଷ୍ଟାଡିୟମରେ ଖେଳାଯାଉଥିବା ଏହି ଦ୍ୱିତୀୟ ଓ ଶେଷ ଟେଷ୍ଟରେ ଭାରତ ୫୧୮/୫ ରନରେ ପ୍ରଥମ ଇନିଂସ ସମାପ୍ତ କରିଥିଲା।

## ମହିଳା ବିଶ୍ୱକପ : ଭାରତର ସେମି ରାସ୍ତା କଠିନ




ନୂଆଦିଲ୍ଲୀ, ୧୩/୧୦: ମହିଳା ଦିନିକିଆ। ବିଶ୍ୱକପରେ ଭାରତକୁ ଲଗାତାର ଝଟକା ଲାଗିଛି । ପ୍ରଥମ ଦୁଇ ମ୍ୟାଚ ଜିତିବା ପରେ ବ୍ୟାକ୍ ଟୁ ବ୍ୟାକ୍ ଦୁଇ ମ୍ୟାଚ ହାରିଛି ଟିମ୍ ହର୍ମନପ୍ରୀତ। ରବିବାର ବିଶ୍ୱକପରେ ଅଷ୍ଟ୍ରେଲିଆ। ବିପକ୍ଷରେ ଖେଳିଥିଲା ଭାରତ ମ୍ୟାଚରେ ଆନାବେଲ ସୁଦରଲାଣ୍ଡଙ୍କ ଘାତକ ବୋଲିଂ ସାଙ୍ଗକୁ ଅଧିନାୟିକା ଆଲିସା ହିଲିଙ୍କ ଦ୍ରୁତ ଶତକ ବଳରେ କଙ୍ଗାରୁ ଦଳ ଭାରତକୁ ୩ ୱିକେଟରେ ହରାଇଛି। ସ୍ମୃତି ମାନ୍ଧାନାଙ୍କ ୮୦ ରନ୍ ବୃଥା ଯାଇଛି ଅଷ୍ଟ୍ରେଲିଆଠୁ ହାରିବା ପରେ ଭାରତର କଣ ହେବ ?

ସେମିଫାଇନାଲ ସମୀକରଣ- ଭାରତ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷରେ ଦମଦାର ବିଜୟ ହାସଲ କରିଥିଲା । ଏହାପରେ ଲାଗାତାର ଦୁଇଟି ମ୍ୟାଚ ହାରିଛି ହର୍ମନପ୍ରୀତ ବ୍ରିଗେଡ। ଏହା ପୂର୍ବ ମ୍ୟାଚ ଦକ୍ଷିଣ ଆଫ୍ରିକାଠୁ ହାରିଥିଲା। ଏବେ ଦଳର ସେମିଫାଇନାଲରେ ପହଞ୍ଚିବା କଷ୍ଟକର ହେବା ଆକଳନ କରାଯାଉଛି । ଭାରତକୁ ଆହୁରି ୩ଟି ମ୍ୟାଚ ଖେଳିବାର ଅଛି ଯାହା ବେଶ୍ ଗୁରୁପୂର୍ଣ୍ଣ ୪ ପଏଣ୍ଟ ସହ ଭାରତ ଟେବୁଲର ଚତୁର୍ଥ ସ୍ଥାନରେ ରହିଛି। ୭ ପଏଣ୍ଟ ସହ ଅଷ୍ଟ୍ରେଲିଆ। ଶୀର୍ଷ ସ୍ଥାନରେ ରହିଛି। ଇଂଲଣ୍ଡ ୬ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ସାଉଥ ଆଫ୍ରିକା ୬ ପଏଣ୍ଟ ସହ ତୃତୀୟ ସ୍ଥାନ ଓ ନ୍ୟୁଜିଲାଣ୍ଡ ୨ ପଏଣ୍ଟ ସହ ପଞ୍ଚମ ସ୍ଥାନରେ ରହିଛନ୍ତି। ଭାରତ ଆଉ ୩ଟି ମ୍ୟାଚ ଖେଳିବ ଅକ୍ଟୋବର ୧୯ରେ ଇଂଲଣ୍ଡ, ୨୩ରେ ନ୍ୟୁଜିଲାଣ୍ଡ ଓ ୨୬ରେ ବାଂଲାଦେଶ ବିପକ୍ଷରେ ମୈଦାନକୁ ଓହ୍ଲାଇବ। ୩ଟି ମ୍ୟାଚକୁ ବଡ ସ୍କୋର ବ୍ୟବଧାନରେ ଜିତିବାକୁ ହେବ। ଯଦି ବଳକା ୩ ମ୍ୟାଚ ଭାରତ ଜିତୁଛି। ତେବେ ୧୦ ପଏଣ୍ଟ ହାସଲ କରିବ ତେବେ ଯାଇ ସେମିଫାଇନାଲରେ ଏଣ୍ଟ୍ରୀ କରିବା ସହଜ ହେବ। ଦ୍ୱିତୀୟ ସମୀକରଣ: ଯଦି ଭାରତ ଇଂଲଣ୍ଡ ଏବଂ ନ୍ୟୁଜିଲାଣ୍ଡକୁ ପରାସ୍ତ କରେ, ତେବେ ସେମିଫାଇନାଲରେ ସ୍ଥାନ ପକ୍କା କରିବାର ସମସ୍ତ ସମ୍ଭାବନା ରହିଛି । ଯଦି ଭାରତ ଇଂଲଣ୍ଡଠାରୁ ହାରିଯାଏ, ତଥାପି ନକଆଉଟ୍‌ରେ ନ୍ୟୁଜିଲାଣ୍ଡ ଏବଂ ବାଂଲାଦେଶ ଉଭୟକୁ ପରାସ୍ତ କରିବାକୁ ପଡିବ। ଯେହେତୁ ପ୍ରତ୍ୟେକ ଦଳ ଗ୍ରୁପ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳିବେ, ତେଣୁ ସେମିଫାଇନାଲ ସ୍ଥାନ ପାଇଁ ୮ ପଏଣ୍ଟର କଟ-ଅଫ୍ ବିଚାର କରାଯିବ ଯଦି ଭାରତ ନ୍ୟୁଜିଲାଣ୍ଡଠାରୁ ହାରିଯାଏ ଏବଂ ଇଂଲଣ୍ଡ ଏବଂ ବାଂଲାଦେଶ ବିପକ୍ଷରେ ବିଜୟୀ ହୁଏ, ତେବେ ନ୍ୟୁଜିଲାଣ୍ଡ ପାକିସ୍ତାନ, ଇଂଲଣ୍ଡ କିମ୍ବା ଶ୍ରୀଲଙ୍କା ମଧ୍ୟରୁ ଗୋଟିଏକୁ ହରାଇବା ଆଶା କରାଯିବ ଯଦି ଭାରତ ଏହାର ବାକି ଥିବା ମ୍ୟାଚ୍‌ରୁ ଗୋଟିଏ ହାରିଯାଏ, ତେବେ ସେମିଫାଇନାଲ ସମ୍ଭାବନା କଷ୍ଟକର ହୋଇଯିବ ଅନ୍ୟ ଦଳର ଫଳାଫଳ ଉପରେ ମଧ୍ୟ ନିର୍ଭର କରିବାକୁ ପଡିବ ।ତୃତୀୟ ସମୀକରଣ: ଯଦି ଭାରତ ଏହାର ପରବର୍ତ୍ତୀ ତିନୋଟି ମ୍ୟାଚ୍ ମଧ୍ୟରୁ ଗୋଟିଏ ଜିତିଯାଏ, ତେବେ ଯୋଗ୍ୟତା ହାସଲ କରିବାର ସମ୍ଭାବନା ବିପଦରେ ପଡ଼ିପାରେ। ଏପରି ପରିସ୍ଥିତିରେ, ହରମନପ୍ରୀତ କୌରଙ୍କ ଟିମ୍ ବାଦ୍ ପଡ଼ିବାର ସମ୍ଭାବନା ଅଛି। ଯଦି ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ବିଜୟଧାରା ବଜାୟ ରଖନ୍ତି, ତେବେ ଭାରତକୁ ପଛରେ ପକାଇଦେବେ।

## ଫୁଟବଲ ବିଶ୍ୱକପ୍‌ରେ ଘାନା



ଆକ୍ରା, ୧୩।୧୦: ଘାନା ପଞ୍ଚମ ଆଫ୍ରିକୀୟ ଦେଶ ଭାବେ ୨୦୨୬ ବିଶ୍‌କପ୍ ଯୋଗ୍ୟତା ହାସଲ କରିଛି ଘାନା ହେଉଛି। ୨୦୧୦ କ୍ୱାର୍ଟରଫାଇନାଲିଷ୍ଟ ଆସନ୍ତା ବର୍ଷ ଯୁକ୍ତରାଷ୍ଟ୍ର ଆମେରିକା, କାନାଡା ଓ ମେକ୍ସିକୋରେ ହେବାକୁଥିବା ଟୁର୍ନାମେଣ୍ଟ ଲାଗି ପୂର୍ବରୁ ଯୋଗ୍ୟତା ହାସଲ କରିଥିବା ଅନ୍ୟ ଅଫ୍ରିକୀୟ ଦେଶଗୁଡ଼ିକ ହେଲେ ଆଲଜେରିଆ, ଇଜିପ୍ଟ, ମରକ୍କୋ ଓ ଟ୍ୟୁନିସିଆ ।ଯୋଗ୍ୟତା ହାସଲ କରିବା ଲାଗି ଘାନା କମୋରସ ବିପକ୍ଷ ଏହାର ଶେଷ ଗ୍ରୁପ୍-୧ ମ୍ୟାଚରେ ଗୋଟିଏ ପଏଣ୍ଟ ଆବଶ୍ୟକ କରୁଥିଲା ଦଳ ଆକ୍ରା ସ୍ପୋଟର୍‌ସ ଷ୍ଟାଡିୟମରେ ଏହି ମ୍ୟାଚ ୧-୦ ଗୋଲ୍‌ରେ ବିଜୟ ଲାଭ କରିଥିଲା ଫଳରେ ଦଳ ପଛକୁ ପଛ କ୍ରମାଗତ ଦୁଇଥର ବିଶ୍‌କପ୍ ଯୋଗ୍ୟତା ହାସଲ କରିପାରିଛି। ମାତ୍ର ମାଲିଠାରେ ଦ୍ୱିତୀୟ ସ୍ଥାନରେ ଥିବା ମାଡାଗାସ୍କର ମାଡାଗାସ୍କାର ପରବର୍ତ୍ତୀ ସମୟରେ ମାଲିଠାରୁ ୪-୧ରେ ହାରିଯାଇଥିଲା। ଟୋଟେନହାମ୍ ଫରୱାର୍ଡ ମହମ୍ମଦ କୁଡୁସ ୪୭ତମ ମିନିଟରେ ନିର୍ଣ୍ଣାୟକ ଗୋଲ୍‌ରେ ଘାନା ଯୋଗ୍ୟତା ଅର୍ଜନ କରିଥିଲା। ମ୍ୟାଚରେ ପରାଜିତ ହୋଇଥିଲେ ମଧ୍ୟ ମାଡାଗାସ୍କ ଦ୍ୱିତୀୟ ସ୍ଥାନରେ ରହିଛି।

## ଟି୨୦ରେ ଇତିହାସ ରଚିଲା ନାମ୍ବିଆ

ୱିଣ୍ଡହୋକ, ୧୩।୧୦- ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ନାମ୍ବିଆ ୪ ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ଇତିହାସ ରଚିଛି ଟେଷ୍ଟ ପ୍ଲେଇଂ ଦେଶ ବିପକ୍ଷରେ ଏହା ନାମ୍ବିଆର ଚତୁର୍ଥ ବିଜୟ ଏଥିପୂର୍ବରୁ ଆୟର୍ଲାଣ୍ଡ, ଜିମ୍ବାୱେ ଓ ଶ୍ରୀଲଙ୍କା ଭଳି ଟେଷ୍ଟ ପ୍ଲେଇଂ ଦେଶକୁ ନାମ୍ବିଆ। ପରାସ୍ତ କରିଥିଲା ଅନ୍ୟପକ୍ଷରେ ଟି୨୦ ଫର୍ମାଟରେ ଆସୋସିଏଟ୍ ଦେଶ ବିପକ୍ଷରେ ଏହା ଦକ୍ଷିଣ ଆଫ୍ରିକାର ପ୍ରଥମ ପରାଜୟ।

ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୨୦ ଓଭରରେ ୮ ଉଇକେଟ ହରାଇ ୧୩୪ ରନ କରିଥିଲା ଦଳ ପାଇଁ ଜେ ସ୍ମିଥ ୩୧, ରୁବିନ ହର୍ମାନ ୨୩ ଓ ଲୁଆନ ଡ୍ରେ ପ୍ରିଟୋରିଅସ ୨୨ ରନ କରିଥିଲେ ବୋଲିଂରେ ଘରୋଇ ନାମ୍ବିଆ। ଲାଗି ରୁବେନ ଟ୍ରମ୍ପେଲମାନ ୩ ଓ ମ୍ୟାକ୍ସ ହେଇଙ୍ଗୋ ୨ ଉଇକେଟ ନେଇଥିଲେ। ଜବାବରେ ନାମ୍ବିଆ ୨୦ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରି ମ୍ୟାଚ୍ ଜିତି ନେଇଥିଲା ଦଳ ପାଇଁ ଅଧିନାୟକ ଜେରାର୍ଡ ଇରାସମସ ୨୧ ରନ କରି ଆଉଟ୍ ହୋଇଥିବା ବେଳେ ଜେନ ଗ୍ରୀନ (୩୦) ଅନ୍ତିମ ବଲରେ ଚୌକା ଲଗାଇ ଦଳକୁ ଐତିହାସିକ ବିଜୟ ଆଣି ଦେଇଥିଲେ ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ଓ ଆଣ୍ଡିଲ ସିମେଲେନ ୨ ଲେଖାଏ ଉଇକେଟ ନେଇଥିଲେ।



## ରଣଜୀ ଖେଳିବେ ବୈଭବ ସୂର୍ଯ୍ୟବଂଶୀ



ନୂଆଦିଲ୍ଲୀ, ୧୩।୧୦: ବୈଭବ ସୂର୍ଯ୍ୟବଂଶୀ ପରଠାରୁ ସବୁ ଜାଗାରେ ଛାଇ ହୋଇ ରହିଛନ୍ତି, ଇଂଲଣ୍ଡ ଏବଂ ପରେ ଅଷ୍ଟ୍ରେଲିଆରେ ତାଙ୍କ ବିସ୍ଫୋରକ ଖେଳରେ ସମସ୍ତଙ୍କୁ ପ୍ରଭାବିତ କରିଥିଲେ। ଏବେ ସେ ରଣଜୀ ଟ୍ରଫିରେ ମଧ୍ୟ ଚମକ ଦେବାକୁ ପ୍ରସ୍ତୁତ, କିନ୍ତୁ ଏଥର ତାଙ୍କୁ ଏହି ଘରୋଇ ଟୁର୍ନାମେଣ୍ଟରେ ଏକ ବଡ଼ ଦାୟିତ୍ୱ ଦିଆଯାଇଛି ।ତାଙ୍କୁ ୨୦୨୫-୨୦୨୬ ରଣଜୀ ଟ୍ରଫି ସିଜିନର ପ୍ରଥମ ଦୁଇଟି ରାଉଣ୍ଡ ପାଇଁ ବିହାର କ୍ରିକେଟ ଦଳର ଉପ-ଅଧିନାୟକ ନିଯୁକ୍ତ କରାଯାଇଛି। ବିହାର କ୍ରିକେଟ ଆସୋସିଏଶନ ରବିବାର ଏକ ବିଜ୍ଞପ୍ତି ଜାରି କରି ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ ପାଇଁ ଦଳର ଦଳ ଘୋଷଣା କରିଛି। ୧୫ ଜଣ ଖେଳାଳିଙ୍କ ତାଲିକାରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଉପ-ଅଧିନାୟକ ଭାବରେ ମନୋନୀତ କରାଯାଇଛି। ଟୁର୍ନାମେଣ୍ଟରେ ଦଳର ମ୍ୟାଚ ହେବାର ଦୁଇ ଦିନ ପୂର୍ବରୁ ଏହି ନିଯୁକ୍ତି ଆସିଛି, କାରଣ ବିହାର କ୍ରିକେଟ ଆସୋସିଏଶନ ର ନିର୍ଦ୍ଦେଶ ପରେ ଦୁଇ ସଦସ୍ୟ ବିଶିଷ୍ଟ ପ୍ୟାନେଲରେ ଯୋଗଦେବା ପାଇଁ ଆଡ-ହକ ଆଧାରରେ ଜଣେ ଚୟନକର୍ତ୍ତା ନିଯୁକ୍ତ କରିବାରେ ବିଳମ୍ବ କରିଥିଲା। ଶାକିବୁଲ ଗନିଙ୍କୁ ବିହାର କ୍ରିକେଟ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି ଦଳ। ୧୫ ଅକ୍ଟୋବର ବୁଧବାର ରଣଜୀ ଟ୍ରଫିରେ ଏହାର ପ୍ରଥମ ମ୍ୟାଚ ଖେଳିବ ଏହି ଗ୍ରୁପ ପର୍ଯ୍ୟାୟ ମ୍ୟାଚରେ ବିହାର ଏବଂ ଅରୁଣାଚଳ ପ୍ରଦେଶ ମଧ୍ୟରେ ମୋଇନ-ଉଲ-ହକ ଷ୍ଟାଡିୟମରେ ମୁକାବିଲା ହେବ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ